Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 92
Friday, 5 June 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୫ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସୈତାରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ନ୍ୟାୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୪/୬ (ଆ.ପ୍ର) : ସାଧାରଣ ଲୋକଙ୍କ ପାଇଁ ବନ୍ଧୁ ହୁଅନ୍ତୁ , ଅପରାଧୀଙ୍କ ପ୍ରତି କଠୋର ହୁଅନ୍ତୁ ବୋଲି ଆଜି ପୋଲିସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୁରାତନ ଡାଳବଣିଆଠାରେ ଏକ ଅତ୍ୟାଧୁନିକ ନୂତନ ଥାନା ଗୃହ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନବନିର୍ମିତ ପୋଲିସ ଭିତ୍ତିଭୂମିର ଉଦ୍ଘାଟନ ସମୟରେ ଏହି ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଆଲାସୀ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗୁଣ୍ଡିରେ SDPO କାର୍ଯ୍ୟାଳୟ, ଯାଜପୁରର ବ୍ରହ୍ମବରଣ ଥାନା, ତୃତୀୟ ବାଟାଲିୟନ ଲୋରାପୁରର ପ୍ରଶାସନିକ ଭବନ ଓ ଅଷ୍ଟରାଣ୍ଡ ଗୃହ ସମେତ ଭୁବନେଶ୍ୱର, କଟକ ଓ ଯାଜପୁରରେ ସର୍ବମୋଟ ୬୫ଟି (D, E, F type) ପୋଲିସ ଆବାସିକ ଗୃହର ମଧ୍ୟ ଲୋକାର୍ପଣ କରାଯାଇଛି । ରାଜ୍ୟରେ ଆଇନଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାର ଅହରହ ଉଦ୍ୟମ ଜାରି ରଖୁଛନ୍ତି ବୋଲି ଡାଳବଣିଆଠାରେ ପୋଲିସ ଷ୍ଟେସନ ଉଦଘାଟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ପ୍ରାୟ ୧୯୫କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ଯୋଜନାକୁ ବାସ୍ତବ ରୂପ ଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୌଣସି ଦି ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ ହେଉଛି ଏକ ସୁଦୃଢ଼ ଆଇନ ଶୃଙ୍ଖଳା ଏବଂ ଭୟମୁକ୍ତ ପରିବେଶ । ଓଡ଼ିଶାକୁ ଦେଶର ଏକ

ଶାନ୍ତିପୂର୍ଣ୍ଣ ଏବଂ ଅଗ୍ରଗାମୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମ ପୋଲିସ ବାହିନୀର ସଶକ୍ତୀକରଣ, ଆଧୁନିକୀକରଣ ଏବଂ ଉପଯୁକ୍ତ ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ଅପରିହାର୍ଯ୍ୟ । ଏହି ପରିପ୍ରେକ୍ଷାରେ ସେ ଆଜି କହିଥିଲେ ଯେ, ଆମେ ଆମ ରାଜ୍ୟର ଅହରହ ଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖୁଛୁ । ସରକାରଙ୍କ ଭିତ୍ତିଭୂମି ବିକାଶ ଯୋଜନାକୁ ନେଇ ଆଶା ପ୍ରକାଶ କରି ସେ କହିଛନ୍ତି, ଯେ ଆମ ସରକାର ପୋଲିସ ଭିତ୍ତିଭୂମିରେ ଉନ୍ନତି ଆଣିବା ସହିତ ଆଇନର ଶାସନ ପ୍ରତିଷ୍ଠା ପାଇଁ ସର୍ବଦା ତତ୍ପର । ଏହାର ପ୍ରମାଣ ସ୍ୱରୂପ ଆଜି ବ୍ରହ୍ମବରଣ ଓ ଡାଳବଣିଆ ଠାରେ ଅତ୍ୟାଧୁନିକ ଥାନାଗୃହକୁ ଲୋକାର୍ପିତ କରାଯାଇଛି । ଏହି ନୂଆ ଥାନା ପୋଲିସ କର୍ମଚାରୀଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି କରିବାରେ ତଥା ଜନସାଧାରଣଙ୍କୁ ଜରୁରୀ ଓ ତ୍ୱରିତ ସେବା ପ୍ରଦାନ କରିବାରେ ସକ୍ଷମ ହେବ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ । ପୋଲିସ ବାହିନୀର ନିଷ୍ଠାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଆମକୁ ସୁରକ୍ଷା ଦେବା ପାଇଁ ଆମର ପୋଲିସ ଅଧିକାରୀମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏହି ନୂତନ ପୋଲିସ ଷ୍ଟେସନ୍‌ଗୁଡ଼ିକ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଏକ ସୁନ୍ଦର ଓ ଅନୁକୂଳ ପରିବେଶ ଯୋଗାଇବ । ଏହି ନବନିର୍ମିତ ଥାନା ଗୁଡ଼ିକରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ ଯେ, ଏହି ଥାନାଗୁଡ଼ିକରେ ଜିନ୍ସଷାମଙ୍କ ପାଇଁ ଲାଞ୍ଜ ବନ୍ଦୋବସ୍ତ, ବାରାକ୍, ସଚ୍ଚିନାଳୀ କୋଠରୀ, ସଚିବାଳ ଓ ସାକ୍ଷୀ ପରାମର୍ଶ କୋଠରୀ, ଷ୍ଟେସାରକେର ସୂଚନା କେନ୍ଦ୍ର, ସ୍ୱତନ୍ତ୍ର ସ୍ୱାଗତ କକ୍ଷ ଏବଂ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସହ ୨୪ ଘଂଟିଆ ସିସିଟିଭିର ସୁବିଧା ରହିଛି । ନ୍ୟାୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଇନ ଓ ନ୍ୟାୟ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ପୋଲିସ ବିଭାଗ ସର୍ବଦା ସଚେତନ ଓ ସକ୍ରିୟ । ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥାରେ ଦୋଷୀମାନେ ଦଣ୍ଡିତ ହେବା ଆବଶ୍ୟକ ଏବଂ ନିରପରାଧ ଲୋକମାନେ ବିନା ଭୟରେ ନିଜର ଦୈନନ୍ଦିନ ଜୀବନ ଅତିବାହିତ କରିବା ଆବଶ୍ୟକ । ସେତେବେଳେ ସାଧାରଣ ଲୋକଙ୍କ ମନରେ ଏହି ବିଶ୍ୱାସ ଆସିବ, ସେତେବେଳେ ହିଁ ସାମାଜିକ ବ୍ୟବସ୍ଥା ପ୍ରକୃତରେ ସୁରକ୍ଷିତ ବୋଲି ଆମେ କହିପାରିବା । ଏଥିରେ ରାଜ୍ୟ ପୋଲିସର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ପୋଲିସ ବାହିନୀକୁ ଜନ-ଅଭିମୁଖୀ ହେବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୋଲିସ ମାନେ ସାଧାରଣ ଲୋକଙ୍କ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ ଏବଂ ଅପରାଧୀଙ୍କ ପ୍ରତି କଠୋର ହୁଅନ୍ତୁ । ଆଇନ ଅନୁଯାୟୀ ପ୍ରକ୍ରିୟା ସମ୍ପାଦନ କରିବା ହେଉଛି ଆପଣମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ରାଜ୍ୟ ପୋଲିସର ସଫଳତା ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଆମ ରାଜ୍ୟ ପୋଲିସ ନକ୍ସଲ ଦମନ, ଶାନ୍ତି-ଶୃଙ୍ଖଳା ରକ୍ଷା ଏବଂ ନିଶାଦ୍ରବ୍ୟ କାରବାର ରୋକିବାରେ ପ୍ରଶଂସନୀୟ କାର୍ଯ୍ୟ କରୁଛି । ରାଜ୍ୟରେ ଦୋଷୀ ସାବ୍ୟସ୍ତ ହାର (Conviction Rate) ବୃଦ୍ଧି ପାଇବା ଏକ ସନ୍ତୋଷଜନକ ବିଷୟ । ବିଶେଷ କରି ନୂତନ 'ଭାରତୀୟ ନ୍ୟାୟ ସଂହିତା' କାର୍ଯ୍ୟକାରୀ ହେବା ପରଠାରୁ ଗତ ବର୍ଷ ତିସେମ୍ବର ସୁଦ୍ଧା ଏହି ହାର ୮୭.୬ ପ୍ରତିଶତକୁ ବୃଦ୍ଧି ପାଇଛି ।

ଦେବାଶିଷ ସାମନ୍ତରାୟ ହେଲେ ବିଜେପିର ରାଜ୍ୟସଭା ପ୍ରାର୍ଥୀ

ଭୁବନେଶ୍ୱର, ୪/୬ (ଆ.ପ୍ର) : ରାଜ୍ୟସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ନିଜର ପ୍ରାର୍ଥୀଙ୍କ ନାମ ଗୁରୁବାର ଘୋଷଣା କରିଛି । ଦେବାଶିଷ ସାମନ୍ତରାୟଙ୍କ ନାମରେ ବିଜେପି ମୋହର ମାରିଛି । ଫଳରେ ଦେବାଶିଷ ବିଜେପିର ପ୍ରାର୍ଥୀ ହୋଇଛନ୍ତି । ବିଜେପିରୁ ଟିକଟ ମିଳିବା ପରେ ଦେବାଶିଷ ସାମନ୍ତରାୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ବିଜେପି ମୋ ଉପରେ ଭରସା ରଖିଛି । ରାଜ୍ୟର ବିକାଶ ପାଇଁ ଯାହା ଦରକାର ତାହା କରିବି । ସୂଚନାଯୋଗ୍ୟ, ରାଜ୍ୟସଭା ନିର୍ବାଚନ ଆୟୋଗ (ଇସିଆଇ) ୨୭ଟି ରାଜ୍ୟସଭା ଆସନ ଓ ୩ଟି ରାଜ୍ୟରେ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ସୋମବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ । ନିର୍ବାଚନ କମିସନ ଅନୁଯାୟୀ, ସମସ୍ତ ନିର୍ବାଚନ ପାଇଁ ମତଦାନ ଜୁନ୍ ୧୮ ତାରିଖ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରୋଟ ଗଣତି ସେହି ଦିନ ସନ୍ଧ୍ୟା ୫ଟାରୁ କରାଯିବ । ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ ଜୁନ୍ ୧ ତାରିଖ ସକାଳ ୧୧ ଟାରୁ ଆରମ୍ଭ ହୋଇଯାଇଛି । ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରହିଛି । ନାମାଙ୍କନ ଯାଂଚ ଜୁନ୍ ୯ ତାରିଖ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୧୧ ତାରିଖ ରହିଛି । ରୋଟ୍ ଗ୍ରହଣ ଜୁନ୍ ୧୮ ତାରିଖ ସକାଳ ୮ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଓ ରୋଟ୍ ଗଣତି ସେହି ଦିନ ସନ୍ଧ୍ୟା ୫ ଟାରୁ ଆରମ୍ଭ ହେବ । ରାଜ୍ୟସଭା ଆସୁରି କହିଛନ୍ତି ଯେ, ରାଜ୍ୟସରକାର ୧୦ଟି ରାଜ୍ୟର ୨୪ଟି ଆସନରେ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ । ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶାରେ ୩ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ଏହି ସମୟରେ ବିହାରର କଟିଟି ଆସନ ପାଇଁ ରାଜ୍ୟ ବିଧାନସଭା ପରିଷଦ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ ଓ ଗୋଟିଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । କର୍ଣ୍ଣାଟକରେ ବିଧାନସଭା ପରିଷଦର ସାତଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

ରାଜ୍ୟସଭା ଆସନ କଂଗ୍ରେସକୁ ଦେଲେ ବିଜୟ

ଚେନ୍ନାଇ, ୪/୬(ୟୁ.ଏ.ଏ): ତାମିଲନାଡୁରେ ଗିରିଜେ ସହିତ କଂଗ୍ରେସ ପାର୍ଟି ପାଇଁ ଲାଭଦାୟକ ହୋଇଛି । ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ ବିଜୟ ତାମିଲନାଡୁର ଖାଲିଥିବା ଏକମାତ୍ର ରାଜ୍ୟସଭା ଆସନକୁ ମେଟ ସହଯୋଗୀ କଂଗ୍ରେସକୁ ଆବଂଟିତ କରିଛନ୍ତି । ବରିଷ୍ଠ କଂଗ୍ରେସ ନେତା ତଥା ତାମିଲନାଡୁ ପ୍ରଭାରୀ ଗିରିଶ ଗୋଦ୍ଦାର ବିଜୟଙ୍କୁ ଭେଟିବା ପରେ ଏହି ଘୋଷଣା କରାଯାଇଥିଲା । ତାମିଲନାଡୁରେ ଟିକିଏ ସଦୃପାରୁ ବଡ଼ ଦଳ ହୋଇଥିଲେ ମଧ୍ୟ ସଂଖ୍ୟା ଗରିଷ୍ଠତା ହାସଲ କରିପାରି ନଥିଲା । ଟିକିଏ କଂଗ୍ରେସ ଓ ଅନ୍ୟ ସହଯୋଗୀ ଦଳମାନଙ୍କ ସହାୟତାରେ ସରକାର ଗଠନ କରିଛି । ସରକାରଙ୍କ ସ୍ଥିରତା ପାଇଁ କଂଗ୍ରେସର ୫ ବିଧାୟକଙ୍କ ସମର୍ଥନ ଗୁରୁତ୍ୱପୂର୍ଣ୍ଣ ରହିଛି । କଂଗ୍ରେସ ରଣନୀତିଜ୍ଞ ପ୍ରବୀଣ ଚକ୍ରବର୍ତ୍ତୀ ଦଳର ପ୍ରାର୍ଥୀ ଲୋକପ୍ରିୟତାରୁ ବୋଲି ରିପୋର୍ଟ ପ୍ରକାଶ ପାଇଛି । ତାମିଲନାଡୁରେ କଂଗ୍ରେସ-ଟିକିଜେ ମେଟ ଗଠନର ଶ୍ରେୟ ଚକ୍ରବର୍ତ୍ତୀଙ୍କୁ ଯାଏ । ତାମିଲନାଡୁ ବିଧାନସଭାରୁ ନିର୍ବାଚିତ ହେବା ପରେ ଏଆଇଏଡିଏମ୍‌କେ ନେତା ସିଭି ଷଣ୍ମୁଗମ୍ ସଂସଦରୁ ଇସ୍ତଫା ଦେବା ପରେ ରାଜ୍ୟସଭା ଆସନ ଖାଲି ପଡ଼ିଥିଲା ।

ସୌମ୍ୟ ହତ୍ୟା ମାମଲାର ଏନ୍‌ଏଚ୍‌ଆରସିଙ୍କ ତନାଘନା

ଭୁବନେଶ୍ୱର, ୪/୬ (ଆ.ପ୍ର) : ବହୁଚର୍ଚ୍ଚିତ ଜନସେବକ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ହତ୍ୟା ମାମଲାରେ ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍‌ଏଚ୍‌ଆରସି)ଙ୍କ ତନାଘନା ।ଚତୁର୍ଥ ଦିନରେ ମାରାଥନ ହେରା ଚାଲିଛି । ଆଜି ଏନ୍‌ଏଚ୍‌ଆର୍ ଜ୍ୟାମ୍ପ କୋର୍ଟରେ ହାଜର ହୋଇଛନ୍ତି ସୌମ୍ୟଙ୍କ ବାହବୀ । ସେ ହାଜର ହୋଇଥିବା ବେଳେ ତାଙ୍କୁ ଅଧିକାରୀମାନେ ପଚରାଉଚରା କରିଥିବା ଜଣାପଡ଼ିଛି । ସେହିଭଳି ବାଲିଅପା ଥାନାର ମହିଳା ASI ମଧ୍ୟ ହାଜର ହୋଇଛନ୍ତି । ୨ ଅଭିଯୋଗକାରୀ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲେ ।। ସେହିପରି ଘଟଣାର ଜ୍ୟାମ୍ପ କୋର୍ଟରେ ହାଜର ହୋଇଛନ୍ତି ଭାଇମ୍ରାଣ୍ଟ DSP ରତ୍ନପ୍ରଭା ଶତପଥୀ । ସୌମ୍ୟ ହତ୍ୟା ମାମଲାର ତଦନ୍ତ କରୁଛନ୍ତି ରତ୍ନପ୍ରଭା ଶତପଥୀ । ଏଥିସହିତ ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ହାଜର ହୋଇଥିବା ବେଳେ ତାଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ସେହିପରି ସୌମ୍ୟଙ୍କ ମୃତଦେହ ପୋଷ୍ଟମର୍ଟମ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା

ଅଧିକାରୀଙ୍କୁ ମଧ୍ୟପଚରାଉଚରା ହୋଇଛି । ତେବେ ଆଜି ଏନ୍‌ଏଚ୍‌ଆର୍ ଜ୍ୟାମ୍ପ କୋର୍ଟରେ ହାଜର ହୋଇପାରନ୍ତି ଇଭଏ ଦୟାଲ ଗାଙ୍ଗୁଲୀ । ସେ ସୌମ୍ୟଙ୍କୁ ବ୍ୟକ୍ତିଗତ କାମରେ ନିୟୋଜିତ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ADGଙ୍କ କାର୍ଯ୍ୟାଳୟ ସମସ୍ତ ପୁଲିସ କର୍ମଚାରୀଙ୍କୁ ଏନ୍‌ଏଚ୍‌ଆର୍ ଟିମ୍ ପଚରାଉଚରା କରି ସାରିଛନ୍ତି । ଏଥିସହିତ ADGଙ୍କ ଡ୍ରାଇଭର ଓ ପିଏସଓଙ୍କୁ ପଚରାଉଚରା କରିସାରିଛି ଏନ୍‌ଏଚ୍‌ଆର୍ ଟିମ୍ । ଆଜି ମଧ୍ୟ ପୁଲିସ କମିଶନର ଦେବଦତ୍ତ ସିଂହ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନା NHRCରେ ହାଜର ହେବାର ସୂଚନା ମିଳିଛି । ଗତକାଲି ସୌମ୍ୟଙ୍କ ସାଙ୍ଗ ଓମପ୍ରକାଶ ରାଉତ, ୨ ଅଭିଯୋଗକାରୀ ସୁଦତା, କ୍ୟାପିଟାଲ ହସ୍ପିଟାଲ ଡାକ୍ତର ଏଲ.ଟି ବିହେରାଙ୍କ ସହ ୩ ଡାକ୍ତର, ମିନି ବ୍ରୁଟ ଚାଳକ ସପିଉଲ୍ଲା ଖାଁ, ଅଦ୍‌ଭୁତପୁର CHCର ଆମ୍ବୁଲାନ୍ସ ଡ୍ରାଇଭର ସୁଜ୍ଞାନ ମଲ୍ଲିକ, ପୂର୍ବତନ ବାଲିଅପା ଥାନା ଅଧିକାରୀ ଅମୀର ପରିଡା ଏବଂ ଜଣେ କନେଷ୍ଟବଲ ହାଜର ହୋଇଥିଲେ । ସେହିପରି NHRCରେ ଅଭିଯୋଗ କରିଥିବା ଭଜନମ ବିଶ୍ୱାଳ ମଧ୍ୟ ଏନ୍‌ଏଚ୍‌ଆର୍‌ଟିମ୍‌ପାଖରେ ବାଉଚର ତଥ୍ୟ ରଖିଥିଲେ । ଘଟଣାର ତଦନ୍ତ କରିଥିବା ସାଇବର୍‌ପିଡ଼ି ଟିମ୍ ଅଧିକାରୀ ୪ ଜଣ ହାଜର ହୋଇଥିଲେ । ସୌମ୍ୟ ହତ୍ୟାକାଣ୍ଡ ପକ୍ଷରେ ଷଡଯନ୍ତ୍ର ଥିଲା କି ? ଘଟଣାଜନିତ ଗାଲିଗଲାଜ ଅପରାଧୀଙ୍କୁ ପ୍ରକୃତରେ କ'ଣ ଘଟିଥିଲା ? ଘଟଣାଦିନ କିଭଳି ଝରିଗାର ସୂତ୍ରପାତ ହୋଇଥିଲା ? ପ୍ରକୃତରେ ଲୁଚ ଛାପାର ଥିଲା ? ଏନେଇ ତଦନ୍ତକାରୀ ୨ ଅଫିସର ପଚରାଉଚରା କରୁଥିବା ସୂଚନା ମିଳିଛି ।

ବ୍ରିକ୍ସ ସମ୍ମିଳନୀକୁ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ

ପୁରୀ, ୪/୬ (ଆ.ପ୍ର) : ବିପର୍ଯ୍ୟୟ ପରିଚାଳନାରେ ଆମର ଦକ୍ଷତା ଓ ଅଭିଜ୍ଞତା ରହିଛି । ଉପକୂଳ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଅନେକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିଛି ଓଡ଼ିଶା । ବ୍ରିକ୍ସ ଦେଶକୁ ଅନେକ ସଫଳତା ମିଳିଲା । ବିପର୍ଯ୍ୟୟ ହ୍ରାସ ଦିଗରେ ୧୧ ଟି ଦେଶ ପରସ୍ପରକୁ ସହଯୋଗ କରିବେ । ଶ୍ରେଷ୍ଠ ପରିଚାଳନା ପଦ୍ଧତିକୁ ବିପର୍ଯ୍ୟୟ ପରିଚାଳନା ପାଇଁ ନିୟୋଗ କରେ । ଆଗୁଆ ସତର୍କ ସୂଚନା, ସ୍ଥାନାନ୍ତର, zero casuality ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ବ୍ରିକ୍ସ ସମ୍ମିଳନୀ ଉଦ୍ଘାଟନ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିପର୍ଯ୍ୟୟ ବିପଦ ହ୍ରାସରେ ସ୍ଥିର ଭିତ୍ତିଭୂମିର ଭୂମିକା ଉପରେ ଆଲୋକପାତ କରି ଶ୍ରୀ ମାଝୀ ଘୋଷଣା କରିଛନ୍ତି ଯେ ରାମେଶ୍ୱରରୁ ପାରାଦୀପ ଦେଇ କୋଣାର୍କ ପର୍ଯ୍ୟନ୍ତ ଥିବା ଜାତୀୟ ରାଜପଥ, ଉପକୂଳ ରାଜପଥ, ଯାତ୍ରୀ ଆନୁମାନିକ ୮,୩୦୧ କୋଟି ଟଙ୍କା ନିବେଶ ସହିତ, ଓଡ଼ିଶାର ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା କ୍ଷମତାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବ । ପୁରୀ ଜିଲା ରିସୋର୍ସରେ ୧୫ ଟି ଦେଶ ସମ୍ମାନ୍ତକୁ ନେଇ ଆୟୋଜିତ ବ୍ରିକ୍ସ ସମ୍ମିଳନୀକୁ ଆଜି ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଦ୍ଘାଟନ କରିଛନ୍ତି । ଏହି ବୈଷୟିକ ଅଧିବେଶନକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ବିପର୍ଯ୍ୟୟ ପ୍ରତିରୋଧକତା, ଜଳବାୟୁ

ଅନୁକୂଳନ ଏବଂ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବା ସହିତ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଉପୁଜିଥିବା ବର୍ଦ୍ଧିତ ଟ୍ୟାକେଜ୍‌ଲ ମୁକାବିଲା ପାଇଁ ଅନ୍ତର୍ଜାତୀୟ ଏବଂ ଆନ୍ତଃରାଜ୍ୟ ସହଯୋଗ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି । ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ପ୍ରତିନିଧି, ବିଶେଷଜ୍ଞ ଏବଂ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଏହି ସମାବେଶକୁ ବିଶ୍ୱ ବିପର୍ଯ୍ୟୟ ବିପଦ ହ୍ରାସ ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବରେ ବର୍ଣ୍ଣନା କରିଥିଲେ । ସେ ଆଲୋକପାତ କରିଥିଲେ ଯେ ଦୈବକର ବିଷୟବସ୍ତୁ, "ସ୍ଥାୟୀତ୍ୱ, ଜଳସମ୍ପଦ, ସହଯୋଗ ଏବଂ ପ୍ରାୟତ୍ୱ ପାଇଁ ନିର୍ମାଣ", ଅଧିକ ସହଯୋଗ ମାଧ୍ୟମରେ ଜୀବନ, ଜୀବିକା ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବାରେ ଅନ୍ତର୍ଜାତୀୟ ସମ୍ପ୍ରଦାୟର ଜରୁରୀ ପ୍ରାଥମିକତାକୁ ପ୍ରତିଫଳିତ କରେ । ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଏବଂ ପରିବେଶଗତ ଅବକ୍ଷୟ ବିଶ୍ୱବ୍ୟାପୀ ବିପର୍ଯ୍ୟୟର କାରଣୀଭୂତ ଏବଂ ତୀବ୍ରତା ବୃଦ୍ଧି କରୁଛି । ମୁଖ୍ୟମନ୍ତ୍ରୀ "ଜିରୋ କାର୍ବନ୍‌ଆଲିଟିର ମାର୍ଗଦର୍ଶକ ନୀତି ଉପରେ ନିର୍ମିତ ଓଡ଼ିଶାର ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପରିଚାଳନା ମଡେଲ ଉପରେ ଆଲୋକପାତ କରିଥିଲେ । ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦଶ-ସୂତ୍ରୀ କାର୍ଯ୍ୟ ଉପରେ କହିଥିଲେ । ରାଜଧାନୀ କ୍ଷେତ୍ର ରିଙ୍ଗ ରୋଡ୍ (CRRR) ପ୍ରକଳ୍ପ ଯାହାର ଆନୁମାନିକ ୮,୩୦୬ କୋଟି ଟଙ୍କା ନିବେଶ ସହିତ ୧୧୧ କିଲୋମିଟର ଲମ୍ବାଏ ରାଜ୍ୟ ପ୍

ବରିଷ୍ଠ ସାମ୍ବାଦିକଙ୍କୁ ଜଗନ୍ନାଥ ଧାମ୍ ପଦଯାତ୍ରୀ ତରଫରୁ ସମ୍ବର୍ଦ୍ଧିତ

ଭବାନୀପାଟଣା, ୦୪/୦୬ (ଆ.ପ୍ର) : ଲାଞ୍ଜକ ବରିଷ୍ଠ ସାମ୍ବାଦିକ ତଥା ଜ୍ୟୋତିଷୀ ମାସିକ ପତ୍ରିକାର ମୁଖ୍ୟ ସମ୍ପାଦକୀୟ ସୌଭାଗ୍ୟ ପାଣିଗ୍ରାହୀ ଜଳାହାଣି ପ୍ରସ୍ତରେ ଆସିଥିଲେ । ସେ ଜଳକାଳୀପାଟଣା ଅଂଚଳର ଲୋକେ ପୁରୀ, ଭୁବନେଶ୍ୱର ଗଲାବେଳେ ସାହାଯ୍ୟ ସହଯୋଗ କରିଥାନ୍ତି । ଏପରିକି ଭବାନୀପାଟଣା ସହର ଅନ୍ତର୍ଗତ ପୁରୁଣାପଡାବାସୀ ଗତ ବର୍ଷ ଡିସେମ୍ବର ୨୨ତାରିଖରେ ପୁରୀ ପଦ ଯାତ୍ରା କରିଥିଲେ । ସେହି ସମୟରେ ପୁରୀ ପଦ ଯାତ୍ରା କମିଟି ତାଙ୍କୁ ସାକ୍ଷାତ କରି ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୀତାକାନ୍ତ ପ୍ରଧାନ, ସତିଦାନନ୍ଦ ମହାକୁଡ଼, ଲକ୍ଷ୍ମୀନାରାୟଣ ପଣ୍ଡା, କାମୁପାଣି ପଟ୍ଟିଜା, ଇନ୍ଦ୍ରମଣି ଜାଲୁଆ, ଜଗେନ୍ଦ୍ର ମହାରଣା, ରାଗବାନ ବିଶୋଇ, ଲାଗୀରଥୀ ମହାରଣା, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ନୂତନ ବନଖଣ୍ଡ ଅଧିକାରୀଙ୍କୁ ବିଜେପି ପାର୍ଟି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ବଣାଇ, ୦୪/୦୬ (ଆ.ପ୍ର) : ବଣାଇ ବନଖଣ୍ଡର ନୂତନ ବନଖଣ୍ଡ ଅଧିକାରୀ ସଚ୍ଚିତାନନ୍ଦ ସେଠି ଦାୟିତ୍ୱ ଗ୍ରହଣ କରିବା ପରେ ବଣାଇ ଲାଭଦାୟକ ଜନତା ପାର୍ଟି ପକ୍ଷରୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି । ବଣାଇ ନିର୍ବାଚନ ମଣ୍ଡଳୀର ବିଜେପିର ପୂର୍ବତନ ବିଧାୟକୀ ପାର୍ଥୀ ସେବତୀ ନାୟକ, ବଣାଇ ବିଜେପି ମଣ୍ଡଳ ସଭାପତି ମିଥୁନ ପାତ୍ର, ସାଧାରଣ ସମ୍ପାଦକ ବୈକୁଣ୍ଠ ଗଡ଼ିଆ, ଜିଲ୍ଲା ମାଇନୋରିଟୀ ସଂପାଦକ ଏମଡି ମୋଲମ୍, ବରିଷ୍ଠ କାର୍ଯ୍ୟକର୍ତା ଆବୁଲାଦ ଉଢ଼େଇ, ପୂର୍ବତନ୍ତ୍ର ପ୍ରଧାନ, ଯୁବ ମୋର୍ଚା ସୃଚନ୍ତ ନିୟନ୍ତିତ ସଦସ୍ୟ ସାନ୍ତନୁ କୁମାର ଦାସ, ପୂର୍ବତନ ମଣ୍ଡଳ ସଭାପତି ମଜୁନ୍ଦ ନାୟକ ନୂତନ ବନଖଣ୍ଡ ଅଧିକାରୀଙ୍କୁ ଆଗାମୀ ଦିନରେ ବଣାଇ ଅଂଚଳର ବିଭିନ୍ନ ବନ ଜଙ୍ଗଲ ସମସ୍ୟା, ସ୍ଥାନୀୟ ଲୋକଙ୍କ ବନ୍ୟାଜନ୍ତୁ ଆକ୍ରମଣର ସୁରକ୍ଷା ଏବଂ ଜଙ୍ଗଲର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଏ ଅଂଚଳର ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ସକରାତ୍ମକ କାର୍ଯ୍ୟ କରିବା ପାଇଁ ଆଲୋଚନା କରିଥିଲେ ।

ଜୁଆ ଆଡ୍ଡାରେ ଚଢ଼ାଉରେ ୫.୪୪ ଲକ୍ଷ ଟଙ୍କା ଜବତ; ୨୦ ଜୁଆଡ଼ି କୋର୍ଟ ଚାଲାଣ

ବୁଢ଼ୁପୁର, ୦୪/୦୬ (ଆ.ପ୍ର) : ବୁଢ଼ୁପୁର ସଦର ଥାନା ପୋଲିସକୁ ମିଳିଛି ଏକ ବଡ଼ ଧରଣର ସଫଳତା । ବହୁଦିନ ଧରି ସଦର ଥାନା ଅନ୍ତର୍ଗତ ରୋହିଗାଁ ଗ୍ରାମ ନିକଟସ୍ଥ ଏକ ଘଂଚ ଜଙ୍ଗଲ ମଧ୍ୟରେ ଚାଲିଥିବା ଏକ ବଡ଼ ଧରଣର ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୨୦ ଜଣ ଜୁଆଡ଼ିଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ମହିଳା ଥିବାବେଳେ ଚଢ଼ାଉ ଆଡ୍ଡା ସୁଜଳୁ ନଗଦ ୫ ଲକ୍ଷ ୪୪ ହଜାର ଟଙ୍କା ସହ ମୋବାଇଲ, ମୋଟର ସାଇକେଲ ଓ ଖେଳ ସାମଗ୍ରୀ ଜବତ କରାଯାଇଛି । ସୂତ୍ରର ଅନୁସାରେ ରୋହିଗାଁ ଗ୍ରାମ ନିକଟରେ ଏକ ଘଂଚ ଜଙ୍ଗଲ ଅଂଚଳରେ ଦୀର୍ଘଦିନ ଧରି ଜୁଆ ଆଡ୍ଡା ଚାଲୁଥିଲା । ପୂର୍ବରୁ ଅନେକଥର ପୋଲିସ ଚଢ଼ାଉ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଜୁଆଡ଼ିମାନେ ପୂର୍ବରୁ ଖବର ପାଇ ଫେରାର ହୋଇଯାଉଥିଲେ । ତେବେ ବୁଧବାର ବିକାଳିତ ରାତିରେ ସଦର ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଚାନକ ଉକ୍ତ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ କିଛି ଜୁଆଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ୨୦ ଜଣଙ୍କୁ ପୋଲିସ ଜାଲୁ କରିବାରେ ସଫଳ ହୋଇଥିଲେ । ସେମାନଙ୍କ ନିକଟରୁ ନଗଦ ୫ ଲକ୍ଷ ୪୪ ହଜାର ଟଙ୍କା, ଗୋଟିଏ କ୍ରେଟା କାର୍, ୧୫ଟି ମୋଟରସାଇକେଲ, ୧୯ଟି ମୋବାଇଲ ଫୋନ୍, ଜନିପାଲ, ୪ଟି ବ୍ୟାଟେରୀ ଲାଇଟ୍, ଜୁଆ ଖେଳରେ ବ୍ୟବହୃତ ୮ ପ୍ୟାକେଟ୍ ତାସ ଓ ବିଭିନ୍ନ କାଗଜପତ୍ର ଜବତ କରିଛି । ଏନେଇ ସଦର ଥାନାରେ ୩୩୩/୨୦୨୬ ନମ୍ବରରେ ମାମଲା ରୁଜୁ ହୋଇଥିବାବେଳେ ଗିରଫ୍ ସମସ୍ତ ୨୦ ଜଣଙ୍କୁ ଗୁରୁବାର ମଧ୍ୟାହ୍ନ ସମୟରେ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ ଫେରାର ଥିବା ଅନ୍ୟ ଜୁଆଡ଼ିମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତକାରୀ ଜାରି ରଖିଥିବା ନେଇ ସଦର ଥାନା ଅଧିକାରୀ ସରୋଜ କୁମାର ବେହେରା ସୂଚନା ଦେଇଛନ୍ତି । ଏହି ଚଢ଼ାଉକୁ ସ୍ଥାନୀୟ ଅଂଚଳରେ ପୋଲିସର ଏକ ବଡ଼ ସଫଳତା ବୋଲି ଚର୍ଚ୍ଚା ହେଉଥିବା ବେଳେ ଏଗର ମାଷ୍ଟର ମାଇଣ୍ଡ କିଏ ବୋଲି ପ୍ରଶ୍ନ ଉଠିଛି ।

ଛେଳିଗଡ଼ ପ୍ରକଳ୍ପ ନେଇ ସମାଧାନ ଦ୍ୱନ୍ଦ ରହିଛି

ପାରଳାଖେମୁଣ୍ଡି, ୦୪/୦୬ (ଆ.ପ୍ର) : ଗଜପତି ଜିଲ୍ଲା ଛେଳିଗଡ଼ ପ୍ରକଳ୍ପ ଏପର୍ଯ୍ୟନ୍ତ ସମାଧାନର ରାସ୍ତା ବାହାରି ପାରୁନାହିଁ । ବିସ୍ଥାପିତ ପରିବାର ସେମାନଙ୍କ ଭବିଷ୍ୟତ ସମ୍ବନ୍ଧିତ ଅବେଳେକେ ଏଗର ଆନ୍ଦୋଳନରେ ଜିଲ୍ଲା ପ୍ରଶାସନ ତାର ଲୋଡମ୍ବାସ୍ ପ୍ରସ୍ତୁତ କରିଥିବା ବେଳେ ତାହା କାର୍ଯ୍ୟକାରୀ ସମୟ ହିଁ ଲାଗିବ । କିଛି ବାଦା ପ୍ରଶାସନ ସମାଧାନ କରିଥିବା ବେଳେ କିଛି ବାଦା ପୂରଣ ହୋଇନାହିଁ । ପୂରା ଦାବୀ ପୂରଣ ନହେଲା ପର୍ଯ୍ୟନ୍ତ ସେମାନଙ୍କ ଆନ୍ଦୋଳନ ଜାରୀ ରହିବ, କହିଛନ୍ତି ବିସ୍ଥାପିତ ଛେଳିଗଡ଼ ପ୍ରକଳ୍ପ ବାସୀ ।

'ମେଧା ଆୱାର୍ଡ' କାର୍ଯ୍ୟକ୍ରମ ପାଇଁ ପୂଜ୍ୟପୂଜା ସଂସଦ ପକ୍ଷରୁ ପ୍ରସ୍ତୁତି ବୈଠକ

ଧାମନଗର, ୦୪/୦୬ (ଆ.ପ୍ର) : ପୂଜ୍ୟପୂଜା ସଂସଦ ଧୃଷ୍ଟୁଣୀ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ପୂଜ୍ୟପୂଜା 'ମେଧା ଆୱାର୍ଡ' କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ସଂସଦ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏ ଧ୍ୟାନରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କ ସହିତ ତାଙ୍କ ମୁରବି ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବାର ନିଶ୍ଚିତି ନିଆଯାଇଛି । ବରିଷ୍ଠ ଶିକ୍ଷବିତ୍ ତଥା ପୂଜ୍ୟ ପୂଜା ସଂସଦର ସ୍ଥାୟୀ ସଭାପତି ଚାଦାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ସଂସଦର ପ୍ରତିଷ୍ଠାତା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ ମଲ୍ଲିକ, ସଂସଦର ସମ୍ପାଦକ ଅକ୍ଷୟ କୁମାର ଘୋଷ, ରମାକାନ୍ତ ପରିଡ଼ା, ବଦ୍ରୀନାରାୟ ମିଶ୍ର, ଗାଉରୀ ଶିଶିର ଚନ୍ଦ୍ର ନାୟକ, ବିଜୟ ନାରାୟଣ ମିଶ୍ର, ଅନିଲ ଦାସ, ସରପଂଚ ନରେନ୍ଦ୍ର ନାରାୟଣ ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଉମେଶ ତ୍ରିପାଠୀ, ଉତ୍କାକର ବେହୁରିଆ, ସୁରେନ୍ଦ୍ର ଗାଉଡ଼, ରୁଦ୍ରେନ୍ଦ୍ର ମହାନ୍ତି, ଅମୂଲ୍ୟ ସାଏନ୍ତ, ଜଗନ୍ନାନନ୍ଦ ସେଠୀ, ଗାଜେନ୍ଦ୍ର ପଲାଲ, ବିଜୟ ସାହୁ, ରଘୁନାଥ ସ୍ୱାଇଁ, ସାନ୍ତନୁ ପଲାଲ ପ୍ରମୁଖ ଯୋଗଦେଇ ଚଳିତ ମାସ ୧୨ତାରିଖରେ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ବ୍ୟାପକ ଆଲୋଚନା ସହିତ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

ଜଳକଷ୍ଟରେ ମାଝୀଗୁଡା ପଂଚାୟତ ବଣ୍ଡକାଗୁଡା ହରିଜନ ସାହି ବାସିନ୍ଦା

ପାପଡାହାଣ୍ଡି, ୦୪/୦୬ (ଆ.ପ୍ର) : ପାପଡାହାଣ୍ଡି ବ୍ଲକ ମାଝୀଗୁଡା ପଂଚାୟତ ଅନ୍ତର୍ଗତ ବଣ୍ଡକାଗୁଡା ଗ୍ରାମର ହରିଜନ ସାହିରେ ନୂତନ ନଳକୂପ ଖୋଳିବା ପାଇଁ ସାହି ବାସିନ୍ଦା ଦାବୀ କରିଛନ୍ତି । ସୂଚନାଯୋଗ୍ୟ ଯେ, ବଣ୍ଡକାଗୁଡା ଗ୍ରାମର ହରିଜନ ସାହିରେ ପାଖାପାଖି ଶହେରୁ ଊର୍ଦ୍ଧ ପରିବାର ଦୀର୍ଘ ବର୍ଷ ହେବ ବସବାସ କରି ଆସୁଛନ୍ତି । ସାହିରେ ଗୋଟିଏ ହିଁ ନଳକୂପ ଅଛି ତେବେ ନଳକୂପ ସାହିଠାରୁ ପ୍ରାୟ ଶହେ ମିଟର ଦୂରରେ ରହିଛି ଓ ନଳକୂପଟି ଦୀର୍ଘ ବର୍ଷ ପୂର୍ବେ ଖୋଲାଯାଇଥିବାରୁ ବର୍ତମାନ ଉକ୍ତ ନଳକୂପ ପାଣି ଧିରେ ଧିରେ ଘଟାଉଛି ଏବଂ ଏହି ନଳକୂପଟି ସାହି ଠାରୁ ବହୁତ ଦୂରରେ ରହିଥିବା ଯୋଗୁଁ ସାହି ବାସିନ୍ଦା ନାହିଁ ନଥିବା କଷ୍ଟ ଭୋଗ କରୁଛନ୍ତି । ବିଶେଷ କରି ପ୍ରତିବର୍ଷ ଖରାଦିନ ମାନଙ୍କରେ ସାହିର ଶହେରୁ ଊର୍ଦ୍ଧ ପରିବାର ଜଳକଷ୍ଟ ଭୋଗ କରୁଛନ୍ତି ଏବଂ ସେମାନଙ୍କୁ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି ଓ ହାଣ୍ଡିଏ ପାଣି ପାଇଁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ତେଣୁ ତୁରନ୍ତ ସାହିରେ ଏକ ନୂତନ ନଳକୂପ ଖୋଳିଲେ ସାହି ବାସିନ୍ଦା ଉପକୃତ ହେବେ ବୋଲି ସାହି ବାସି ଦାବୀ କରିଛନ୍ତି । ପ୍ରକାଶ ଥାଉ କି, ପାଣି ସମସ୍ୟା ନେଇ ସାହି ବାସିନ୍ଦା କିଛି ଦିନ ପୂର୍ବରୁ ପାପଡାହାଣ୍ଡି ବିଡ଼ିଓଙ୍କୁ ଏକ ଲିଖିତ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ । ପାପଡାହାଣ୍ଡି ବିଡ଼ିଓ ମହୋଦୟ ସ୍ଥାନୀୟ ଜଳ ଓ ପରିମଳ ବିଭାଗର ଜଳିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ହସ୍ତାନ୍ତର କରିବା ସହିତ ମାଳ ମାସର ୧୫ ତାରିଖ ମଧ୍ୟରେ ସାହିରେ ନୂତନ ନଳକୂପ ଖୋଳାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ପ୍ରତିଶ୍ରୁତିକୁ ଅନେକ ଦିନ ବିତି ଯାଇଥିଲେ ମଧ୍ୟ ଏଯାଏ ସାହିରେ ନୂତନ ନଳକୂପ ଖନନ ହୋଇପାରିଲା ନାହିଁ, ତେଣୁ ସାହି ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି, ଏଥିସହ ପ୍ରଶାସନ ଏହି ସମସ୍ୟାକୁ ଅତି ଜରୁରୀ ମନେକରି ଯଥାଶୀଘ୍ର ସାହିରେ ଏକ ନୂତନ ନଳକୂପ ଖନନ କରିବାକୁ ସାହି ବାସିନ୍ଦା ଦାବୀ କରିଛନ୍ତି ।

ବାଲିଗୁଡ଼ାରେ ଏସଆଇଆର-୨୦୨୬ ସଚେତନତା:

ବାଲିଗୁଡ଼ା, ୦୪/୦୬ (ଆ.ପ୍ର) : ଲକ୍ଷମାଳ ଜିଲ୍ଲା ବାଲିଗୁଡ଼ା ଠାରେ ଏସ ଆର ଆର-୨୦୨୬ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଗୋମାଂଚକର ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍ 'ପ୍ରଶାସନ ଏକାଦଶ' ଏବଂ 'ଉପଖଣ୍ଡ କ୍ରୀଡ଼ା ସଂଘ ଏକାଦଶ ' ମଧ୍ୟରେ ଖେଳା ଯାଇଥିଲା । ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ଏହି ମ୍ୟାଚରେ ଉପଖଣ୍ଡ କ୍ରୀଡ଼ା ସଂଘ ଏକାଦଶ ବନ୍ଦ ୪-୨ ଗୋଲରେ ପ୍ରଶାସନ ଏକାଦଶ ବନ୍ଦକୁ ପରାସ୍ତ କରି ବିଜୟୀ ହୋଇଛି । ଏହି କ୍ରୀଡ଼ା କାର୍ଯ୍ୟକ୍ରମ ବାଲିଗୁଡ଼ା ଉପଜିଲ୍ଲାପାଳ ଶ୍ରୀମତୀ ପ୍ରମିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନତାର ସହ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ବିଡିଓ ଅକ୍ଷୟ କୁମାର ମଲ୍ଲିକ, ସହ ଉପଜିଲ୍ଲାପାଳ ସଞ୍ଜୀବ ବୃପାମାଝୀ, ସହକାରୀ ଜିଲ୍ଲାପାଳ ବୃପକ କୁଜୁର, ତହସିଲଦାର ରୀମ୍ପି ପ୍ରକାଶ ବେହେରା, ଉପଖଣ୍ଡ ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶିବ ଶଙ୍କର ସମଲଥ ଙ୍କ ସମେତ ସମସ୍ତ କିରାଣୀ, ବିଲି" ଆସିଷ୍ଟାଂଟ ଏବଂ ପ୍ରଶାସନିକ କର୍ମଚାରୀମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ସଂସ୍ଥାର ଏବଂ ସଚେତନତା ବାର୍ତା ଜନସାଧାରଣଙ୍କ ନିକଟରେ ପହଂଚାଇବାକୁ ପ୍ରୟାସ କରାଯାଇଥିଲା ।

ଜରଡ଼ାରେ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାଟପୁର, ୦୪/୦୬ (ଆ.ପ୍ର) : ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ଜରଡ଼ା ଗ୍ରଥବାଣ୍ଡ ଠାରେ ସଫେଇ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଅନିନାସ କୁମାର ଯୋଗ ଦେଇ ଜେନାବଡ଼ ପ୍ରାଥମିକ ବିଦ୍ୟାଳୟ ଠାରେ ଗଛ ରୋପଣ କରିଥିବା ବେଳେ ପ୍ରତି ମଙ୍ଗଳବାର ଦିନ ଦୁଇ ଘଂଟା ଶ୍ରମ ଦାନ କରି ମଠ, ମନ୍ଦିର, କାର୍ଯ୍ୟାଳୟ ଓ ସୂର୍ବ ସାଧାରଣ ସ୍ଥାନରେ ସଫେଇ କରିବା ପାଇଁ ଆହ୍ୱାନ ଦେଇ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଏଡିଓ ବିଜୟ କୁମାର ପ୍ରଧାନ, ସରପଂଚ ତିନ ବେହେରା ଓ ମାଂଚର ସରପଂଚ ମାଧବ ଗାଉତ୍ୟାଙ୍କ ସମେତ ପଂଚାୟତ ଅଧ୍ୟାକ୍ଷସ୍ତ ଓ ଏଲ୍.ସମିତ୍ତାପ୍, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସହାୟିକା, ପାଚିକା ଏସଏଚଜି ମା ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇ ସଫେଇ କରିଥିଲେ । ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ନିଷ୍ଠାର ସହିତ ଶ୍ରମଦାନ କରି ପ୍ରଥମେ ତୃଣମୂଳ ସ୍ତରରୁ ସ୍ୱଚ୍ଛତା ରକ୍ଷାକରାକୁ ପଡ଼ିବ ବୋଲି ବିଡିଓ ଲକ୍ଷ୍ମଣ ଚରଣ ସୋରେନ ପ୍ରକାଶ କରିଥିଲେ । ପିଇଓ ନିଗମାନନ୍ଦ ପାଣିଗ୍ରାହି ପରିଚାଳନା କରିଥିଲେ ।

ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବୁଢ଼ୁପୁର, ୦୪/୦୬ (ଆ.ପ୍ର) : ଖଣ୍ଡିକୋଟ କଲେଜ ଖେଳ ପଡ଼ିଆରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ୧୧ ତମ ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିରର ଗୁରୁବାର ଉଦ୍‌ଯାପିତ ଘୋଷାଯାଇଛି । ବୁଢ଼ୁପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୋଇର ସମ୍ପତ୍ତିରା ବଳାଇ, ଜ୍ରୀଡ଼ା ଅଧିକାରୀ ଲାଭିରଥୀ ସ୍ୱାଇଁ, ଡାକ୍ତର ବିଦ୍ୟାନୀ ଦେବ, କର୍ପୋରେଟର ପ୍ରଦୀପ ଶତପଥୀ, ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁଭୁ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଶତ୍ରୁଘ୍ନ ଲାଳଗୁପ୍ତ, ଉପସଭାପତି ରାଜେଶ କୁମାର ସାହୁ, ଯୁବନେତା ଅଜୟ କୁମାର ମହାରଣା ଏବଂ କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବର୍ତ୍ତମାନ ବର୍ଷ ଏହି ପ୍ରଶିକ୍ଷଣ ଶିବିରରେ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୨୫ ଜଣ କୋଚ୍ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏନ୍‌ଆଇଏସ୍ କୋଚ୍ ପ୍ରଶାନ୍ତ କୁମାର ରଥ ମୁଖ୍ୟ କୋଚ୍ ଭାବେ ଏହି ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ଶିବିରକୁ ପରିଚାଳନା କରିଥିଲେ । ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପାଇଁ ଆସିଥିବା ଖେଳାଳି ମାନଙ୍କ ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହି ସଂଘ ପକ୍ଷରୁ ହୋଇଥିବା ଆୟୋଜନକୁ ପ୍ରଶଂସା କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହି ପରୀ ଖେଳାଳୀଙ୍କ ଦ୍ୱାରା ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା ।

ସରକାରୀ ଅନୁଦାନରେ ନିର୍ମାଣ କାର୍ଯ୍ୟକୁ ନେଇ ଗୋଷ୍ଠି ସଂଘର୍ଷ ୧୦ରୁ ଅଧିକ ଆହତ, ୪ ଜଣ ଗୁରୁତର କଟକ ସ୍ଥାନାନ୍ତର

ଯାଜପୁର, ୦୪/୦୬ (ଆ.ପ୍ର) : ଯାଜପୁର ସଦର ଥାନା ଅନ୍ତର୍ଗତ ଝିମିଲିଆ ପଂଚାୟତ ବୁଲାଣି ପୁର ଗ୍ରାମରେ ଘଟିଛି ଏକ ଅପ୍ରୀତକର ଘଟଣା । ଘଟଣାରୁ ପ୍ରକାଶ ଯେ ବୁଲାଣି ପୁର ଗ୍ରାମରେ ଏକ ବିବାଦୀୟ ସ୍ଥାନରେ ସରକାରୀ ଅନୁଦାନରେ ଏକ ଗୃହ ନିର୍ମାଣକୁ ନେଇ ପୂର୍ବରୁ ବିବାଦ ଲାଗିଥିଲା । ଗତ ରା ୦୩/୦୬/୨୦୨୬ ରିଖ ରାତି ୯ ଟା ୩୦ ମିନିଟ୍ ସମୟରେ ଅନ୍ଧକାର ରାତିରେ ଗ୍ରାମର କିଛି ଲୋକ ଉକ୍ତ ବିବାଦୀୟ ସ୍ଥାନରେ ନିର୍ମାଣ କାର୍ଯ୍ୟ ପାଇଁ ଗାତ ଖୋଳୁଥିବା ବେଳେ ଅପରପକ୍ଷର ଲୋକମାନେ ଖବର ପାଇ ଘଟଣା ସ୍ଥଳରେ ପହଂଚି ବିରୋଧ କରିବାରୁ ପ୍ରଥମେ ବଚସା ପରେ ପରେ ମାରଣାତ୍ମକ ପରିସ୍ଥିତିକୁ ଆକ୍ରମଣ କରିବାବେଳେ ନିର୍ମାଣ କାର୍ଯ୍ୟକୁ ସମର୍ଥନ କରୁଥିବା ଗୋଷ୍ଠି ମଧ୍ୟରୁ ବିରୋଧୀ ଗୋଷ୍

ଶୀର୍ଷକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୫ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଭୋଗରାଇରେ ଧାନ କିଣାକୁ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ ପିଟି କାରବାର ଅଭିଯୋଗ ବିରୋଧରେ କଡ଼ା ଜବାବ ରଖିଲା ବିଜେପି

ଭୋଗରାଇ, ୦୪/୦୬ (ଆ.ପ୍ର) : ଭୋଗରାଇ ବ୍ଲକର ଚିଲିନ୍ନ ସେବା ସମବାୟ ସମିତିରେ ଧାନ କିଣା ପ୍ରକ୍ରିୟାକୁ ନେଇ ରାଜନୈତିକ ତର୍ଜମା ଜୋର ଧରିଥିବା ବେଳେ ବୁଧବାର ଦେହୁର୍ଦ୍ଦିସ୍ଥିତ ବିଜେପି କାର୍ଯ୍ୟାଳୟରେ ଭୋଗରାଇ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ସମ୍ମିଳନୀରେ ବିଜେପି ନେତା ଆଶିଷ ପାତ୍ର ଧାନ କିଣା ବ୍ୟବସ୍ଥାରେ ହୋଇଥିବା ଅନିୟମିତତା, ବାଶୀ ପଞ୍ଜିକରଣରେ ତ୍ରୁଟି ଓ ବିରୋଧୀ ଦଳର ଅଭିଯୋଗକୁ ଖଣ୍ଡନ କରିଥିଲେ । ଶ୍ରୀ ପାତ୍ର କହିଥିଲେ ଯେ, ଭୋଗରାଇର ୧୯ଟି ସେବା ସମବାୟ ସମିତି ମଧ୍ୟରୁ ୧୮ଟି ସମିତିରେ ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଅଭାବ ଦେଖିବାରୁ ସହ ପିଟି (ପେପର ଟ୍ରାଞ୍ଜେକ୍ସନ) ମାଧ୍ୟମରେ ଲାଭଦାର ହୋଇଥିବା ଅଭିଯୋଗ ଆସିଛି । ଏହା ଦ୍ୱାରା ପ୍ରକୃତ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ କେତେକ ବ୍ୟକ୍ତି ଓ ଗୋଷ୍ଠୀ ଅବୈଧ ଭାବେ ଲାଭଦାର ହେଉଛନ୍ତି । ସେ କହିଥିଲେ ଯେ, ଭୋଗରାଇ ଏବଂ ଉତ୍ତର ବାଲେଶ୍ୱର ଅଂଚଳର ବିକାଶ ପାଇଁ ବର୍ତ୍ତମାନ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି । ଜଳେଶ୍ୱର-ରଛିଛନ୍ତି । ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ମିଳିଭାବ ଯୋଗୁଁ ଧାନ କିଣା ପ୍ରକ୍ରିୟାରେ ଅନିୟମିତତା ବୃଦ୍ଧି ପାଇଛି ବୋଲି ସେ ଅଭିଯୋଗ କରିଥିଲେ । ଦୀର୍ଘ ୨୪ ବର୍ଷ ଧରି ରାଜ୍ୟରେ ଶାସନ କରିଥିବା ବିଜେଡି ସରକାର ଚାଷୀଙ୍କ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି । ବର୍ତ୍ତମାନ ନିଜର ବିଫଳତାକୁ ଲୁଚାଇବା ପାଇଁ ଭୋଗରାଇ ବିଧାୟକ ଓ ବିଜେଡି ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାରକୁ ବଦନାମ କରିବାର ଚେଷ୍ଟା କରୁଛନ୍ତି । ଜନସାଧାରଣ ଏହି ସତ୍ୟକୁ ଭଲ ଭାବେ ବୁଝି ସାରିଛନ୍ତି ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ଭୋଗରାଇ ଏବଂ ଉତ୍ତର ବାଲେଶ୍ୱର ଅଂଚଳର ବିକାଶ ପାଇଁ ବର୍ତ୍ତମାନ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି । ଜଳେଶ୍ୱର-ବଦନେଶ୍ୱର ଚାରି ଲେନ୍ ରାସ୍ତା ପ୍ରଶସ୍ତିକରଣ ପାଇଁ ୧୮୪ କୋଟି ୯୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଥିଲେ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଯାତାୟାତ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିବା ସହ ଅଂଚଳର ଆର୍ଥିକ ଓ ପର୍ଯ୍ୟଟନ ବିକାଶରେ ସହାୟକ ହେବ । ସଂଗଠନିଗାଳ ମନ୍ତ୍ରୀ ଉଦି ନାୟକଙ୍କ ସମ୍ପୃକ୍ତି ଭୋଗରାଇ ଗଣ୍ଡ ସମ୍ପର୍କରେ ଭଲଲେଖି କରି ସେ କହିଥିଲେ ଯେ, ମନ୍ତ୍ରୀ ଅଂଚଳର ପର୍ଯ୍ୟଟନ ସମ୍ଭାବନା ଓ ଏହାର ବିକାଶ ନେଇ ଗୁରୁତ୍ୱ ଦେଇଛନ୍ତି । ଜନସାଧାରଣ ଏହି ସତ୍ୟକୁ ଭଲ ଭାବେ ବୁଝିସାରିଛନ୍ତି । ବିଗତ ସରକାର ୨୪ ବର୍ଷରେ ଯେଉଁ ସବୁ କାମ କରି ପାରିନଥିଲା, ବର୍ତ୍ତମାନର ସରକାର ଆଗାମୀ ଦୁଇ ବର୍ଷ ମଧ୍ୟରେ ତାହା ସମ୍ପନ୍ନ କରିବାକୁ ଉଦ୍ୟମ ଚାଲାଇଛି ବୋଲି ସେ ଦାବି କରିଥିଲେ । ଚାଷୀ ପଞ୍ଜିକରଣ ପ୍ରସଙ୍ଗରେ ମଧ୍ୟ ସେ ଗୁରୁତର ଅଭିଯୋଗ ଆଣି କହିଥିଲେ ଯେ, ଭୋଗରାଇରେ କେବଳ ଜୁଣାଳବଗଣ ସେବା ସମବାୟ ସମିତିରେ ଶତପ୍ରତିଶତ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଅନ୍ୟ ସମିତି ଗୁଡ଼ିକରେ ବହୁ ସଂଖ୍ୟକ ଚାଷୀଙ୍କ ପଞ୍ଜିକରଣ ହୋଇନାହିଁ । ଏହା ଫଳରେ ପ୍ରକୃତ ଚାଷୀମାନେ ଧାନ ବିକ୍ରୟ ସୁଯୋଗରୁ ବଂଚିତ ହେଉଛନ୍ତି ଏବଂ ସରକାରୀ ସୁବିଧା ପାଇବାରେ ସମସ୍ୟା ଭୋଗୁଛନ୍ତି । ସମ୍ପ୍ରତି ଭୋଗରାଇ କଂଗ୍ରେସ ନେତା ତଥା ଜିଲ୍ଲା ସଭାପତି ସତ୍ୟଶିବ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଆଶିଷ ପାତ୍ରଙ୍କୁ ଧାନ କିଣା ଅନିୟମିତତା ପାଇଁ ଦାୟୀ କରିଥିଲେ । ସେ କହିଥିଲେ ଯେ, ଆଶିଷ ପାତ୍ର ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅଗ୍ରୀ ସତ୍ତ୍ୱେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହି ଅଭିଯୋଗର ଜବାବ ଦେଇ ଶ୍ରୀ ପାତ୍ର କହିଥିଲେ ଯେ, କେନ୍ଦ୍ର ସମବାୟ ବ୍ୟାଙ୍କର ଧାନ କିଣା ପ୍ରକ୍ରିୟା ସହ ମୋର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ । ବ୍ୟାଙ୍କ କେବଳ ଆର୍ଥିକ ସହାୟତା ଓ ପାଇନାନ୍ସିଂ ବ୍ୟବସ୍ଥାରେ ଭୂମିକା ନିଭାଇଥାଏ । ଧାନ କିଣା ପ୍ରକ୍ରିୟା ଫେସ ମାଧ୍ୟମରେ ପରିଚାଳିତ ହୋଇଥାଏ ଏବଂ ଏହା ଏଆରସିଏସ୍, ଜିଆରସିଏସ୍, ଜିଲ୍ଲାପାଳ ଓ ବିପଣନ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ସଂଚାଳିତ ହୁଏ । ତେଣୁ ବିଷୟଟି ସମ୍ପର୍କରେ ସଠିକ୍ ତଥ୍ୟ ନ ଜାଣି ଂଗ୍ରେସ ନେତା ମନ୍ତବ୍ୟ ଦେଇଛନ୍ତି ବୋଲି ସେ କହିଥିଲେ । ଏହାବାଦ ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା, ଅନିୟମିତତାର ତଦନ୍ତ କରିବା ଏବଂ ପ୍ରକୃତ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଆନ୍ଦୋଳନ ପରକ୍ଷେପ ନେବାକୁ ସେ ଦାବି କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଅଭୟ କୁମାର ଦେ, ମଣ୍ଡଳ ସଭାପତି ବ୍ରଜ କିଶୋର ମହାନ୍ତି, ମହେଶପୁର ସରପଂଚ କରେନ୍ଦ୍ର ପାତ୍ର, ଫୁଲାଧର ବଂଶୀ ସରପଂଚ ବିଜୁଲତା ଦତ୍ତ ଏବଂ ମଦନ ମୋହନ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ନୂତନ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ବାଲେଶ୍ୱର ଷ୍ଟେସନର ପଶ୍ଚିମ ପ୍ରବେଶ ପଥ ଦୁଇ ମାସ ପାଇଁ ବନ୍ଦ ରହିବ

ବାଲେଶ୍ୱର, ୦୪/୦୬ (ଆ.ପ୍ର) : ଯାତ୍ରୀ ସୁବିଧା, ସୁରକ୍ଷା ଏବଂ ଷ୍ଟେସନ ସଂଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନରେ ନୂତନ ଫୁଟ୍ ଓଭର ବ୍ରିଜ୍ (ଏଫଓବି) ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହି କ୍ରମରେ ଷ୍ଟେସନର ପଶ୍ଚିମ ପାର୍ଶ୍ୱରେ (ଭତ୍ରକ ଆଡୁ) ନୂତନ ଫୁଟ୍ ଓଭର ବ୍ରିଜ୍‌ର ଲଂଚିଂ କାର୍ଯ୍ୟ ଆସନ୍ତା ୧୪ ଜୁନରୁ ଆରମ୍ଭ ହେବାର ସମ୍ଭାବନା ରହିଛି । ଏହି କାର୍ଯ୍ୟ ଚାଲୁ ରହିବା ସମୟରେ ସୁରକ୍ଷାଜନିତ କାରଣରୁ ବାଲେଶ୍ୱର ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ (ପଶ୍ଚିମ ପାର୍ଶ୍ୱ) ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ କିମ୍ବା ନୂତନ ଫୁଟ୍ ଓଭର ବ୍ରିଜ୍ ଚାଲୁ ହେବା ପର୍ଯ୍ୟନ୍ତ ଯାତ୍ରୀଙ୍କ ପାଇଁ ବନ୍ଦ ରହିବ । ଏହି ସମୟ ମଧ୍ୟରେ ପଶ୍ଚିମ ପ୍ରବେଶ ପଥ ଦେଇ ଯାତ୍ରୀମାନଙ୍କର ଆସିବା ଓ ଯିବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ରହିବ । ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଦ୍ୱିତୀୟ ପ୍ରବେଶ ପଥରେ ଥିବା ଅଣସଂରକ୍ଷିତ ଟିକେଟ୍ (ୟୁଟିଏସ୍) ବୁକିଂ କାଉଂଟର ଏହି ଅବଧିରେ ବନ୍ଦ ରହିବ । ତେବେ ସେଠାରେ ଅଗ୍ର ସଂରକ୍ଷିତ ଟିକେଟ୍ (ପିଆରଏସ୍) କାଉଂଟର ପୂର୍ବବତ୍ କାର୍ଯ୍ୟକ୍ଷମ ରହିବ ଏବଂ ଯାତ୍ରୀମାନେ ଏହାର ସୁବିଧା ପାଇପାରିବେ । ଏହି ସମୟ ମଧ୍ୟରେ ଯାତ୍ରୀମାନଙ୍କୁ ଷ୍ଟେସନ ପରିସର, ପ୍ଲାଟଫର୍ମ ଓ ଅନ୍ୟାନ୍ୟ ରେଳ ସେବାର ସୁବିଧା ନେବା ପାଇଁ ମୁଖ୍ୟ ପ୍ରବେଶ ପଥ ବ୍ୟବହାର କରିବାକୁ ରେଳବାଇ ପକ୍ଷରୁ ଅନୁରୋଧ କରାଯାଇଛି । ଖଡ଼୍‌ଗପୁର ରେଳ ମଣ୍ଡଳ ପକ୍ଷରୁ କୁହାଯାଇଛି ଯେ, ଯାତ୍ରୀ ସୁରକ୍ଷା ଓ ଉନ୍ନତ ଭିତ୍ତିଭୂମି ସୃଷ୍ଟିର ବୃହତ୍ତର ସ୍ୱାର୍ଥରେ ଏହି କାର୍ଯ୍ୟ ହାତକୁ ନିଆଯାଇଛି । ଅସୁବିଧା ପାଇଁ ଦୁଃଖ ପ୍ରକାଶ କରାଯାଇଥିବା ବେଳେ ଯାତ୍ରୀ ଓ ସାଧାରଣ ଲୋକଙ୍କ ସହଯୋଗ ଓ ବୁଝାମଣା କାମନା କରାଯାଇଛି ।

ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତା ବିରୋଧରେ ବରିଷ୍ଠ ନାଗରିକଙ୍କ ଗଣଧାରଣା ଜୁନ୍ ୧୨ରେ

ବାଲେଶ୍ୱର, ୦୪/୦୬ (ଆ.ପ୍ର) : ଜିଲ୍ଲା ବରିଷ୍ଠ ନାଗରିକମାନେ ଆସନ୍ତା ୧୨ ତାରିଖ ଶୁକ୍ରବାର ଦିନ ସକାଳ ଆଠଟାରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାରେ ବସିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବରିଷ୍ଠ ନାଗରିକମାନଙ୍କ କାର୍ଯ୍ୟକର୍ତ୍ତା ବୈଠକ ଗୁରୁବାରଦିନ ପୂର୍ବାହ୍ନରେ ଅନୁଷ୍ଠାନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ନିଆଯାଇଛି । ସରକାରଙ୍କ ପକ୍ଷରୁ ସମନ୍ୱିତ ବହୁମୁଖୀ ପ୍ରକଳ୍ପ (ଆଇ.ଆଇ.ସି) ପାଇଁ ମଞ୍ଜୁରୀ ମିଳିବାପରେ ଗତ ୨୦୧୯ ମସିହାରେ ଗେମୁଣା ବୁଲ୍‌ବାର ଦହପଡ଼ା ମୌଜାରେ ୨୦ ଏକର ପରିମିତ ଜନ୍ମ ଯୋଜନା ଯୋଗ୍ୟଜମିକୁ ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଚିହ୍ନଟ କରି ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ନାମରେ ପଟ୍ଟାପ୍ରଦାନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ ଏହି ବହୁମୁଖୀ ପ୍ରକଳ୍ପକୁ ବନ୍ଦପଡ଼ାଉ ନାଳଗିରିର ସଜନାଗଡ଼ ଜଙ୍ଗଲ ଅଞ୍ଚଳରେ ନିର୍ମାଣପାଇଁ ନିଷ୍ପତ୍ତି ନେଇଛନ୍ତି । ଜିଲ୍ଲା ପ୍ରଶାସନର ଏହି ଅପରିଣାମଦର୍ଶୀ ନିଷ୍ପତ୍ତିକୁ ବିରୋଧ କରି ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଲିଖିତଭାବେ ଜିଲ୍ଲା ପ୍ରଶାସନକୁ ଓ ରାଜ୍ୟ ସରକାରଙ୍କୁ ବହୁବାର ସ୍ମାରକପତ୍ର ଦିଆଯାଇଛି । ବାଲେଶ୍ୱର ସହର ନିକଟରେ ବନ୍ଦପଡ଼ା ମୌଜା ଥିବାରୁ ଏହି ପ୍ରକଳ୍ପର ନିର୍ଦ୍ଧାରିତ ସ୍ଥାନ ବନ୍ଦପଡ଼ାରେ ରୁଜନ୍ତ ନିର୍ମାଣ ପାଇଁ ବୈଠକରେ ଦାବି କରାଯାଇଛି । ଜିଲ୍ଲାରେ ବହୁ ପୁରୁଣା ବରିଷ୍ଠ ନାଗରିକଙ୍କୁ ଭତ୍ତା ପ୍ରଦାନ କରାଯାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଜମି ମାପକୁ କେନ୍ଦ୍ରକରି ପୋଲିସ ଏବଂ ମହିଳା ମୁହାଁମୁହିଁ, ୫ ମହିଳା ଆହତ

ଭୋଗରାଇ, ୦୪/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ କାଟୁଁ ଉଗଁରୀ ଗ୍ରାମ ପଂଚାୟତର ବେଢି ଗ୍ରାମରେ ଦୀର୍ଘ ୫୦ ବର୍ଷ ଧରି ବସବାସ କରି ଆସୁଥିବା ତ୍ରିଲୋଚନ ପାତ୍ରଙ୍କ ୩ ପୁତ୍ର ରମେଶ ଚନ୍ଦ୍ର ପାତ୍ର, ରାଖାଲ ପାତ୍ର ଓ ରମାକାନ୍ତ ପାତ୍ରଙ୍କୁ ସେହି ଗ୍ରାମର ଶ୍ରୀହରି ଜେନା ଜମି ବିକ୍ରି କରିବ କହି ଏକ ଷ୍ଟାମ୍ପ ପେପରରେ ଲେଖା ଲେଖି କରି ପୁତ୍ର ନମ୍ବର- ୭୦/୨୪ଖ୩୦, ୭୨/୨୪ଖ୩୧, ୭୭/୨୪ଖ୩୨ ଓ ୭୮/୧୬ଖ୩୮ ଚାରୋଟି ପୁତ୍ରରୁ ମୋଟ ୨ ଏକର ଜମି ପାଇଁ ୨ ଲକ୍ଷ ୭୫ ହଜାର ଟଙ୍କା ଅଗ୍ରୀମ ନେଇଥିଲେ । ମାତ୍ର ଏଗ୍ରିମେଂଟ ହେବାର ୫ ମାସ ପରେ ଜମି ମାଲିକ ଶ୍ରୀହରି ଜେନା ମୃତ୍ୟୁ ବରଣ କରିଥିଲେ । ଏହା ପରେ ମୃତ ଶ୍ରୀହରି ଜେନାଙ୍କ ପୁତ୍ର ଅଧିକ ଟଙ୍କା ନେଇ ସେହି ଜମି ଉକ୍ତ ଗ୍ରାମର ଯତୀନ୍ଦ୍ର ସାହୁଙ୍କୁ ବିକ୍ରି କରି ଦେଇଛନ୍ତି । ଫଳରେ ଦୀର୍ଘ ବର୍ଷ ଧରି ଉକ୍ତ ଜାଗା ଉପରେ ଘର ଓ ପାନ ବରଜ କରି ବସବାସ କରି ଆସୁଥିବା ଉକ୍ତ ୩ ପରିବାର ବେସାହାରା ହୋଇ ପଡିଛନ୍ତି । ସେମାନେ ନ୍ୟାୟ ପାଇଁ ନ୍ୟାନୟର ଦ୍ୱାରସ୍ଥ ହେବା ସହିତ ଚନ୍ଦନେଶ୍ୱର ପୋଲିସ ଫାଣ୍ଡି ଓ ଭୋଗରାଇ ତହସିଲଦାରଙ୍କ ଠାରେ ନ୍ୟାୟ ଚିତ୍ତା କରିଥିଲେ । ଏପରେ ଯତୀନ୍ଦ୍ର ମଧ୍ୟ ଜାଗା ଦଖଲ ପାଇଁ କୋର୍ଟର ଆଶ୍ରୟ ନେଇଥିଲେ । କୋର୍ଟର ନିର୍ଦ୍ଦେଶ ପୁତାବକ ଜିଲ୍ଲା ପ୍ରଶାସନ ଉକ୍ତ ଜାଗାକୁ ଚିହ୍ନଟ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଦାୟିତ୍ୱ ଦେଇଥିଲେ । ପୂର୍ବରୁ ଦୁଇ ଥର ଉକ୍ତ ଜାଗା ଚିହ୍ନଟ ଲାଗି ଭୋଗରାଇ ତହସିଲଦାର ଓ ପୋଲିସ ପ୍ରଶାସନ ଆସି ପାତ୍ର ପରିବାରର ବିରୋଧ ଯୋଗୁଁ ଚିହ୍ନଟ ନହବାରୁ ଫେରି ଯାଇଥିଲେ । ପୁଣି ଆଜି ଗୁରୁବାର ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରମିତା, ତହସିଲସୁପର ରାଜନ୍ତର ପ୍ରଦୀପ କୁମାର ରାଉତ, ଭୋଗରାଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ, କମର୍ଦ୍ଦା ଥାନା ଅଧିକାରୀ ଅପିତା ପ୍ରିୟଦର୍ଶିନୀ, ଚାଳସାରି ସାମୁଦ୍ରିକ ଥାନା ଅଧିକାରୀ ଶ୍ରୁତଜ କୁମାର ମହାନ୍ତି, ଚନ୍ଦନେଶ୍ୱର ପୋଲିସ ଫାଣ୍ଡି ଅଧିକାରୀ ବନବିହାରି ଶତପଥୀଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଓ ଚିତ୍ରିତ୍ର ପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି, ଅମିନ ଜାଗା ଚିହ୍ନଟ ଓ ଉକ୍ତ ପରିବାରକୁ ଜଳର ଦଖଲ ମୁକ୍ତ କରିବା ପାଇଁ ପହଂଚିଥିଲେ । ମାତ୍ର ଦୀର୍ଘ ୫୦ ବର୍ଷ ଧରି ଉକ୍ତ ଜାଗାରେ ଘର ଦ୍ୱାର କରି ବସବାସ କରି ଆସୁଥିବା ପାତ୍ର ପରିବାରର ମହିଳା ଓ ପୁରୁଷ ମାନେ ବାଉଁଶ ଚାଟିରେ ତାଲା ପକାଇ ମାପ ପାଇଁ ପ୍ରଶାଶନକୁ ଭିତରକୁ ପଶିବାକୁ ଦେଇ ନଥିଲେ । ଏନେଇ ପ୍ରଶାସନ ଓ ପାତ୍ର ପରିବାର ମଧ୍ୟରେ ଦୀର୍ଘ ସମୟ ଯୁଝି ଦର୍ଜ ବେଳେ ପ୍ରଶାସନ ଉଦ୍ୟୋଗ ହୋଇ କେତେକ ଗଛ କାଟି ବାଡ଼ ଲାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ । ମାତ୍ର ମହିଳା ମାନେ ପ୍ରଶାସନକୁ ବିରୋଧ କରିବା ଫଳରେ କିଛି ସମୟ ଧରି ସେଠାରେ ଉତେଜନା ଲାଗି ରହିଥିଲା । ପୋଲିସ ଓ ମହିଳା ମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ଫଳରେ ପାତ୍ର ପରିବାରର ୫ ଜୁ ଊର୍ଦ୍ଧ୍ୱ ମହିଳା ଆହତ ହୋଇଛନ୍ତି । ଆହତ ମହିଳା ମାନେ ହେଲେ ଲାରତୀ ପାତ୍ର (୫୮), ଶନିଂଷା ପାତ୍ର (୩୦), ତୁଳସୀ କୁଆଁର, ରୁପାଲୀ ପାତ୍ର (୩୩), କଞ୍ଚନ ପାତ୍ର (୩୩), ଲାରତୀ ଜେନା (୩୨) ପ୍ରମୁଖ ଆହତ ହୋଇଥିଲେ । ଫଳରେ କିଛି ସମୟ ଧରି ଘଟଣା ସ୍ଥଳରେ ଉତେଜନା ଲାଗି ରହିଥିଲା । ଖବର ପାଇ ଜଳେଶ୍ୱର ଏସଡିପିଓ ସୁରେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଂଚି ଉକ୍ତ ପାତ୍ର ପରିବାର ସହିତ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପରିସ୍ଥିତି ଏବଂ ଏସଡିପିଓଙ୍କ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକ ଓ ଅମିନ ଜାଗା ମାପ ଓ ଚିହ୍ନଟ କରିଥିଲେ ।ଉକ୍ତ ବିବାଦର ସମାଧାନ ପାଇଁ ପରବର୍ତ୍ତୀ ସମୟରେ ଥାନାରେ ଲଭୟ ପକ୍ଷକୁ ନେଇ ବୈଠକ ହେବ ବୋଲି ଜଳେଶ୍ୱର ଏସଡିପିଓ ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ତେବେ ଉକ୍ତ ବିବାଦୀୟ ଜାଗାର ସମାଧାନ କେବେ ହେଉଛି, ତାହା ଦେଖିବା ପାଇଁ ସ୍ଥାନୀୟ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

ଶେରଗଡ଼ - ନୀଳଗିରି - ଝରଣା ଘାଟି ରାସ୍ତାରେ ପିଚୁ ମଧ୍ୟରେ ଗଛ ଯୋଗୁଁ ଗଲାଣି ୫ ଜୀବନ

ନୀଳଗିରି, ୦୪/୦୬ (ଆ.ପ୍ର) : ଶେରଗଡ - ନୀଳଗିରି - ଝରଣା ଘାଟି ରାଜ୍ୟ ରାଜପଥ - ୧୯ ର ୪ ଟିକିଆ ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚି ଥିବାବେଳେ, ଠିକାଦାର ରାସ୍ତାର ପିଚୁ କାର୍ଯ୍ୟ ଶେଷ ହୋଇଛି । ମାତ୍ର ଉକ୍ତ ରାସ୍ତା ମଝିରେ କିଛି କିଛି ସ୍ଥାନରେ ଗଛ ରହି ଯାଇଥିବାରୁ ଅନ୍ଧାର ରାତିରେ ଯାନ ବାହନ ଯୋଗେ ଯାତାୟାତ କରୁଥିବା ପଥଚାରୀ ମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଏ ଭଳି ସମବେଦନଶୀଳ ଘଟଣା ପାଇଁ ସମାଜ ସେବୀ ତଥା ସାମାଜିକ ପ୍ରମୁଖ କୁମାର ମଜାଣି ସମସ୍ୟା ସମାଧାନ ନ ହେଲେ ଧାରଣାରେ ବସିବେ ବୋଲି ନୀଳଗିରି ରେଞ୍ଜ ଅଧିକାରୀଙ୍କ ମାଧ୍ୟମରେ ଡିଏଫ୍‌ଓ ରାଜେଶ୍ୱରଙ୍କୁ ଅବଗତ କରି ଥିବା ଜଣା ଯାଇଛି । ସୂଚନାନୁସାରେ ଜଣାଯାଉଛି, ରାଜ୍ୟ ରାଜପଥ -୧୯ ରେ ଯାନବାହନ ଚଳାଚଳ ଗଛଜନ୍ମି, ବୃଷ୍ଟିରେ ରଖି ବାଲେଶ୍ୱର ସାଂସଦ ମାନ୍ୟବର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରି ରାସ୍ତା ଓ ଗୃହ ନିର୍ମାଣ ବିଭାଗର ପରାମର୍ଶ କ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୨୫ କୋଟି ଟଙ୍କାର ବ୍ୟୟବରାଦ ମଞ୍ଜୁର କରିଥିଲେ । ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟର ଅବଧି ଶେଷ ହେବା ସହ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚି ଥିବାବେଳେ, ବନ ବିଭାଗ ଆଜି ପର୍ଯ୍ୟନ୍ତ ରାସ୍ତା ମଝିରେ ଥିବା ଗଛ ଗୁଡ଼ିକୁ ଅପସାରଣ କା ଛାଟି ନାହାଁନ୍ତି । ଏ ସମସ୍ତ କାର୍ଯ୍ୟ ପାଇଁ ସରକାରୀ ଲାଟେ ଆଦେଶ ଓ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ । ଏପରି କି, ଯୋଗାଣ୍ଡଳ ଚଳାର ଠାରୁ ଝରଣା ଘାଟି ପର୍ଯ୍ୟନ୍ତ ଦୀର୍ଘ ୨୩ କି.ମି. ରାସ୍ତା ମଧ୍ୟରେ ବହୁ ଗଛ ଗୁଡ଼ିକ ଦଣ୍ଡାୟ ମାନ ଅବସ୍ଥାରେ ରହିଛି । ଯାହା ଫଳରେ ଏ ଗଛ ଗୁଡ଼ିକ ପଥଚାରୀଙ୍କ ପାଇଁ ମରଣଫାନ୍ଦ ପାଲଟିଛି । ଅଧିକାଂଶ ସମୟରେ ପଥଚାରୀ ମାନେ ଯାନ ବାହନ ଯୋଗେ ଯାତାୟାତ ବେଳେ ଗଛ ମାନଙ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୫ ଜୁନ୍, ୨୦୨୬ : କାଳେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ନାରୀ

ରାମାୟଣ ସମୟରେ ସମ୍ମାଳରେ ନାରୀର ଯେଉଁ ସ୍ଥିତିଥିଲା ତାହା ମହାଭାରତ ସମୟରେ ଆହୁରି ଜଘର୍ଯ୍ୟ ହୋଇଗଲା । ଧର୍ମଗାଳ ଯୁଧିଷ୍ଠିର ନିଜ ପତ୍ନୀ ଦ୍ରୌପଦୀଙ୍କୁ ଦ୍ୟୂତ ଖେଳରେ ବାଜି ଲଗାଇ ଦେଲେ । ନାରୀର ଅସ୍ମିତ୍ୱ ଲୁଣ୍ଠିତ ହେଉଗଲା । ସେ ଯେଉ ପୁରାଣ ଯୁଗ, ଐତିହାସିକ ବା କଳିଯୁଗ । ପୁରାଣ ମାନଙ୍କରେ ତ ଦେବତା ରାକ୍ଷସ ସମସ୍ତେ ଏକାଧିକ ପତ୍ନୀ ଗ୍ରହଣ କରିବାର ପରମ୍ପରା ଥିଲା । ରାକ୍ଷସମାନେ ତ ଯିଏ ଭଲ ଲାଗୁଥିଲା ତାକୁ ଜବରଦସ୍ତ ଆଣି ପତ୍ନୀ ରୂପେ ବା ରକ୍ଷିତା ରୂପେ ରଖୁଥିଲେ । ଐତିହାସିକ ଯୁଗରେ ମଧ୍ୟ ରାଜା ମହାରାଜା ମାନେ ରାଜ୍ୟ ଜୟ କଲେ ସେଇ ରାଜ୍ୟର ରାଜକନ୍ୟାକୁ ମଧ୍ୟ ବିବାହ କରୁଥିଲେ । ଏକାଧିକ ପତ୍ନୀ ରଖିବା ତାଙ୍କ ସରଳ ଥିଲା । ତା'ସହ ଯେଉଁ ଜାଗାକୁ ଯିଏ ଯାଉଥିଲେ ସେଠାରେ ମଧ୍ୟ ସୁନ୍ଦରୀ ନାରୀ ମାନଙ୍କୁ ନିଜର ମନୋରଞ୍ଜନ ପାଇଁ ରକ୍ଷିତା କରି ରଖୁଥିଲେ । ସେଇ ଅବୈଧସନ୍ତାନଙ୍କୁ ସୃଷ୍ଟି ସନ୍ତାନ ମାନେ ପିତୃ ପରିଚୟରୁ ବଂଚିତ ହୋଇ "ଜାରଜ"ର ପରିଚୟ ନେଇ ସମ୍ମାଳରେ ଅତି ଘୃଣନୀୟ ଏବଂ ସାମାଜିକ ସମ୍ମାନହୀନ ଜୀବନଯାପନ କରୁଥିଲେ । ଜଣେ କ୍ଷମତାଶାଳୀ ବ୍ୟକ୍ତିର ମନୋରଞ୍ଜନରୁ ସୃଷ୍ଟି ଏଇ ସନ୍ତାନଟି ଉପହସିତ ଜୀବନ ବିତାଉଥିଲା ଏବଂ ବାଧ୍ୟ ହୋଇ ଅନ୍ୟ ଭୁଲ୍‌ର ଦଣ୍ଡ ଭୋଗୁଥିଲା । ଅନେକ କ୍ଷେତ୍ରରେ ଏଇ ସନ୍ତାନମାନେ ସମାଜରେ ଉପହସିତ ହୋଇପରେ ଦଂଡିବାର ଉପଯୁକ୍ତ ପରିଚୟ ଅଭାବରୁ ଅପରାଧ କରିବାକୁ ବାଧ୍ୟ ହେଉଥିଲେ ଏବଂ ଦରକାର ପଡ଼ିଲେ ତାଙ୍କ ସୃଷ୍ଟିର ସେଇ ଅମଶିଷ୍ଟିର ସନ୍ଧାନ ପାଇଲେ ତାକୁ ଏବଂ ତା'ର ଥିବା ପିଲାମାନଙ୍କୁ ହଜାରାଣ ସଜାଳତ କରିବାକୁ ପଛୋଇ ନ ଥିଲେ । ଏହା ତାଙ୍କର ଦୋଷ କବାଯି ନୁହେଁ । କିନ୍ତୁ ନାରୀ ଯୁଗେ ଯୁଗେ ଧରିତ୍ରୀ ପରି ସହ୍ୟ ସହିଛି । ପୁରୁଷ ସମାଜକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ବେଳେ, ନାରୀ ସର୍ବଦା ତାକୁ ରକ୍ଷା କରିବାକୁ ଚେଷ୍ଟା କରିଛି । କେଉଁଠି ନାରୀ ବିନାଶର କାରଣ ହୋଇନି ତଥା ସବୁ ବିନାଶର କାରଣ ପୁରୁଷ ହୋଇଛି । ନାରୀର ଦେହ ପାଇଁ କ୍ଷମତା ପାଇଁ ଧନ ପାଇଁ ସର୍ବଦା ପୁରୁଷ ଭୁଲ୍ କାରଣେ ଯାଇ ଅଧର୍ମ ଆଚରଣ କରି ରାକ୍ଷସ ପାଲଟିଛି । ଆଜ ନାରୀ ତାକୁ ଠିକ୍ ବାଟକୁ ଆଣିବାକୁ ନିଜକୁ ଠିକ ଠିକ ଦଣ୍ଡ କରିଛି । ମା' ହେଉ ପତ୍ନୀ ହେଉ ଭଗ୍ନୀ ହେଉ ବା କନ୍ୟା ହେଉ, ଗୃହର ପୁରୁଷ ବିପଥଗାମୀ ହେଲେ ଏମାନେ ସର୍ବଦା ବିରୋଧ କରନ୍ତି ଏବଂ ସେହି ବ୍ୟକ୍ତି ଦ୍ୱାରା ନିର୍ଯାତିତ ମଧ୍ୟ ହୁଅନ୍ତି ଏମାନ ଜାହାକୁ ଅଭିଶାପ ନାହିଁ । ନାରୀଟିଏ ତ ସର୍ବଦା ନିଜେ ନ ଖାଇ ଅନ୍ୟ ମାନଙ୍କୁ ଖୁଆଏ । ନିଜେ ଅସୁବିଧାରେ ରହି ଅନ୍ୟମାନଙ୍କ ପାଇଁ ସୁବିଧା ତିଆରି କରେ । ସେ ନାରୀ ସ୍ନେହମୟୀ, ମମତାମୟୀ, କଳ୍ୟାଣକାରୀ, ପାଳନକାରୀ, ଯାହାର ଅମୃତମୟ ସର୍ଶରେ ଶୁଷ୍କତରୁ ମଧ୍ୟ ପଲ୍ଲବିତ ହୋଇ ଉଠେ । ତା'ର କଳ ସର୍ଶରେ ମୃତ୍ୟୁଶ୍ୱ ଜୀବନ ଲାଭ କରେ । ପୁରାଣରେ ତା'ର ସନ୍ତାନକୁ ୧୦ ମାସ ଗର୍ଭରେ ପାଳନ କରେ । ପ୍ରସବ ସମୟରେ ଜୀବନ ସହ ସଂଗ୍ରାମ କରି ସେ ତା'ର ସନ୍ତାନକୁ କନ୍ଦୁ ଦିଏ । ସନ୍ତାନର କନ୍ଦୁ ସହ ମା'ଟିର ମଧ୍ୟ ପୁନର୍ଜନ୍ମ ଲାଭ ହେଲାଏ । ପୁଣି ପିଲାଟିର ଲାଳନପାଳନରେ ସେ ନିଜକୁ ଭୁଲିଯାଏ ସବୁବେଳେ । ସେହା ଯତ୍ନରେ ପିଲାଟି ବଡ଼ ହୋଇଗଲେ ବୁଢ଼ିଯାଉଥିବା ମା'ର ତ୍ୟାଗ ଓ ସେବାର ପରାକାଷ୍ଠାକୁ । ନାରୀ ସର୍ବଦା ତା' ସୃଷ୍ଟିରେ ନିମଗ୍ନ ଥାଏ, ସେ ହେଉ ସନ୍ତାନ ସୃଷ୍ଟି, ପରିବାରର ଯତ୍ନ, ସମାଜର ମଙ୍ଗଳ କାମନା ବା ରାଜନୀତି । ସବୁ କ୍ଷେତ୍ରରେ ଯୁଗେ ଯୁଗେ ନାରୀ ତା'ର ପରାକାଷ୍ଠା ଦେଖାଇ ସମାଜକୁ ପୁରୁଷଙ୍କୁ ସୁରକ୍ଷା ଦେଇଥିବାବେଳେ, କଥା କଥାରେ ପୁରୁଷ କହେ ନାରୀର ସୁରକ୍ଷା କରେ ପୁରୁଷ, ମାତ୍ର ନାରୀର ଧ୍ୱଂସର କାରଣ ହିଁ ପୁରୁଷ ପାଲଟି ଥାଏ ସବୁକ୍ଷେତ୍ରରେ । ନାରୀ ନିର୍ଯାତନା, ନାରୀ ଧର୍ଷଣ, ନାରୀହତ୍ୟା ସବୁ ତ ପୁରୁଷ କରେ, ତେବେ ସେ ସୁରକ୍ଷା ଦିଏ କିପରି ? ଆଜି ନାରୀ ତଥାପି ନିଜର ସମ୍ମାନ ଓ ସୁରକ୍ଷାସହ ସମାଜ ଆଉ ସଂସାରର ସୁରକ୍ଷାପାଇଁ ସଦା ତତ୍ପର । ଯେ କୌଣସି କ୍ଷେତ୍ରରେ ଆଜି ନାରୀ ଅଗ୍ରଣୀ ଭୂମିକା ସୂଚାରୁ ରୂପେ ବୁଲାଇ ତା'ର ତ୍ୟାଗର ମହାନତା ପ୍ରଦର୍ଶନ କରୁଛି । ସେମିତି ସାହିତ୍ୟରେ ମଧ୍ୟ । ସାହିତ୍ୟ ଆମ ସମାଜର, ସଂସ୍କୃତିର ମାନଦଣ୍ଡ । ସମାଜର ଦର୍ପଣ ପ୍ରତିଫଳିତ ହୁଏ ସାହିତ୍ୟରେ । ସେଇ ସାହିତ୍ୟରେ ନାରୀ ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଚେଷ୍ଟାରେ ଅବିରତ କାର୍ଯ୍ୟରତ । ଲେଖିକାବାନ୍ଧବ ଅନେକ ପତ୍ରପତ୍ରିକାର ସମ୍ପାଦନା, ପ୍ରକାଶନ, ସାହିତ୍ୟର ପ୍ରଚାର ପ୍ରସାର ଓ ରକ୍ଷା ସୁରକ୍ଷା ଦିଗରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଜି ଅନେକ ସାହିତ୍ୟ ପତ୍ରିକା ଲେଖକ ନାରୀମାନଙ୍କ ତତ୍ତ୍ୱାବଧାନରେ ପ୍ରକାଶ ପାଇଛି । ନାରୀଟିଏ ତା'ର ପତ୍ରିକାକୁ ନିଜର ସନ୍ତାନ ପରି ଲାଳନ ପାଳନ କରି ସମାଜରେ ତା'ର ଏକ ପରିଚୟ ସୃଷ୍ଟି କରାଉଛି । ଜୌଣସି ସ୍ଥିତିରେ ମଧ୍ୟ ପତ୍ରିକା ପ୍ରକାଶନ ଓ ଲେଖନ କାର୍ଯ୍ୟରେ, ସମ୍ମେଳନ ଆୟୋଜନରେ ପଛରେ ନାହିଁ ।

ଆମ ପରିବେଶ ଆମ ହାତରେ

॥ ରବିନାରାୟଣ ପଟ୍ଟନାୟକ ॥

ଆଜି ହେଉଛି ବିଶ୍ୱ ପରିବେଶ ଦିବସ । ମିଳିତ ଜାତିସଂଘ ୧୯୭୨, ଜୁନ୍ ୫ ରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ଏକ ବୈଠକ କରିଥିଲା । ବୈଠକ ପରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । ଏହାସହ ପ୍ରତି ବର୍ଷ ଜୁନ୍ ୫ରେ ପରିବେଶ ଦିବସ ପାଳନ ଏବଂ ଲୋକଙ୍କୁ ପରିବେଶ ପ୍ରଦୂଷଣ ସମସ୍ୟା ସହ ଅବଗତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ପରେ ୧୯୭୩ ରେ ପ୍ରଥମ ଥର ପାଇଁ ବିଶ୍ୱ ପରିବେଶ ପାଇଁ ଦିବସ ପାଳନ କରାଯାଇଥିବା ବେଳେ ଏହାର ଥିମ୍ ରଖାଯାଇଥିଲା 'ଓକଳି ଷ୍ଟାଳ୍ ଆର୍ଥ' । ତେବେ ଏହି ଦିବସ ସେତେବେଳ ସହଜ ହେଉ ଯେତେବେଳେ ସମସ୍ତେ ପରିବେଶର ଯତ୍ନ ନେବେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ । ଏହି ଦିନ ପାଳନ କରିବାର ମୁଖ୍ୟ କାରଣ ହେଉଛି ଲୋକଙ୍କୁ ପରିବେଶ ବିଷୟରେ ଅବଗତ କରାଇବା । ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରଦୂଷଣ ହ୍ରାସ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସଚେତନତା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଓ କର୍ମଶାଳା ଆୟୋଜିତ ହୋଇଥାଏ । କେତେକ ଲାଭଜନୋପାୟ ରାଷ୍ଟ୍ର କୁ ବାଦ ଦେଲେ ଅନ୍ୟ ରାଷ୍ଟ୍ର ମାନେ ଏବେ ମଧ୍ୟ ପରିବେଶ ଓ ପ୍ରଦୂଷଣ କୁ ନେଇ ସଚେତନ ହୋଇନାହାନ୍ତି । ଭାରତ ରେ ଦିଲ୍ଲୀ ,ମୁମ୍ବାଇ ପରି ମେଟ୍ରୋ ମାନଙ୍କରେ ପ୍ରଦୂଷଣ ଏତେ ମାତ୍ର ରେ ବୃଦ୍ଧି ପାଇଲାଣି ଯେ ନବଜାତ ଶିଶୁ ମଧ୍ୟ ଆସ୍ଥା ପରି ଭୟଙ୍କର ରୋଗ ରେ ପୀଡିତ ହେଉଛନ୍ତି । ଆଜିକାଲିଇ ପରିସ୍ଥିତିରେ ଆମ ପରିବେଶ ଏତେ ମାତ୍ରାରେ ପ୍ରଦୂଷିତ ହୋଇଛି ଯେ ତାହାର କଳ୍ପନା କରାଯାଇ ନ ପାରେ । କିଛି ବର୍ଷ ପୂର୍ବେ ମଣିଷର ପରମାୟୁ ୧୦୦ବର୍ଷରୁ ଊର୍ଦ୍ଧ୍ୱ ଥିବାବେଳେ ବର୍ତମାନ ତାହା ୬୫ ରୁ ୭୦ ବର୍ଷକୁ ଖସିଆସିଛି । ମଣିଷ ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି ଜଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ କିମ୍ବଦନ୍ତି କରିଥାଏ । ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ । ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ । ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ତେଣୁ ନିଜକୁ ସୁସ୍ଥ ରଖିବାକୁ ହେଲେ ପ୍ରଥମେ ପରିବେଶ ପ୍ରତି ସଚେତନ ହେବା ଜରିତ୍ର । ଅଜିହେତୁ ଲାଭେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ପଲିଥିନର ଉପଯୋଗ, ରାସାୟନିକ ସାମଗ୍ରୀର ବହୁଳ ବ୍ୟବହାର ଆଦି ଯୋଗୁଁ ପୃଥିବୀ ଧୀରେଧୀରେ ମେମିତି ଦିନାଶ ଆଡକୁ ଗତି କରୁଛି । ପ୍ଲାଷ୍ଟିକର ବ୍ୟବହାର କମ୍? କରିବା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଜରିତ । ଫଳରେ ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ । ସମକାଳୀ ସ୍ତରରେ ହେଉ ଅଥବା ଦେଶରକାରୀ ସ୍ତରରେ ହେଉ ଏହି ଦିବସରେ ବୃକ୍ଷ ରୋପଣ କରିବା ସହିତ ବାୟୁପ୍ରଦୂଷଣ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି । ପ୍ରତିବର୍ଷ ନୂଆ ଥିମ୍ ସହ ଏହି ଦିବସକୁ ପାଳନ କରାଯାଉଥାଏ । ବୃକ୍ଷଲତା ଗଛଶରେ ଆମେ ଦିତାଉଥିବା ସମୟ କେବେ ଅଯଥା ଯାଏନାହିଁ । ସେଥିପାଇଁ ଏହି ବିଶ୍ୱ ପରିବେଶ ଦିବସରେ ଆମର ପ୍ରତ୍ୟେକ କାର୍ଯ୍ୟକଳାପ ପରିବେଶ ସୁରକ୍ଷା ଦିଗରେ ସମର୍ପିତ ହେବା ଆବଶ୍ୟକ ।

ପ୍ରତିଷ୍ଠାତା, ସେଣ୍ଟ୍ରିଷ୍ଟ ଟ୍ରାପଟିଆ, ଭୁବନେଶ୍ୱର
୯୯୩୮୧୧୩୨୬୬

ସ୍ୱଚ୍ଛ ପରିବେଶ ସୁସ୍ଥ ସମାଜ

॥ କିଶୋର ଚନ୍ଦ୍ର ବେହେରା ॥

ସ୍ୱଚ୍ଛ ପରିବେଶ ଓ ସୁସ୍ଥ ସମାଜ ପରସ୍ପରର ପରିପୂରକ । ପ୍ରଦୂଷଣମୁକ୍ତ ପରିବେଶ, ସ୍ୱଚ୍ଛ ବାୟୁ ଓ ସବୁଜିମା ମାନବ ଜାତିର ନିରାପତ୍ତା ଏବଂ ସାମଗ୍ରିକ ବିକାଶ ପାଇଁ ଅତ୍ୟାବଶ୍ୟକ । ସୁସ୍ଥ ପରିବେଶ ହିଁ ସୁସ୍ଥ ମନ ଏବଂ ସ୍ୱାସ୍ଥ୍ୟର ମୂଳଭୂତା । ଆଜିର ଦିନରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ପରିବେଶ ସୁରକ୍ଷା ପାଇଁ ଦିନିନ୍ଦୁ ଯୋଜନାମୂଳକ ପରକ୍ଷେପ ଗ୍ରହଣ କରୁଛନ୍ତି । ସମସ୍ତ ନାଗରିକଙ୍କ ସଚେତନତା ଏବଂ ସହଯୋଗ ହିଁ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ କରିପାରିବ । ଯେଉଁ ସମାଜରେ ପ୍ରତ୍ୟେକ ବ୍ୟକ୍ତି ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ସହ ନୈତିକ ମୂଲ୍ୟବୋଧ, ପାରସ୍ପରିକ ସହଯୋଗ, ସମାନତା, ଏବଂ ଶାନ୍ତିପୂର୍ଣ୍ଣ ଭାବରେ ବାସ କରନ୍ତି, ତାହାକୁ ଏକ ସୁସ୍ଥ ସମାଜ କୁହାଯାଏ । ଏଥିରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ଏବଂ ସାମାଜିକ ସୁରକ୍ଷା ରହିଥାଏ । ମଣିଷ ଏବଂ ପରିବେଶ ମଧ୍ୟରେ ସନ୍ତୁଳନ ସମ୍ପର୍କ ରହିଛି । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ । ପରିବେଶ କୁମାରତ ଭାବରେ ଦୂଷିତ ହେଉଛି, ଯାହା ଆମ ଦୈନନ୍ଦିନ ଜୀବନରେ ସରାସରି ପ୍ରଭାବ ପକାଉଛି । ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ମାନବ ସଭ୍ୟତା ବହୁମୁଖୀ ଜାହିଦ କରିବାରେ ଲାଗିଛି । ମାଆ ତପନ ବାଳକର ହୁଡ଼ମୁକୁ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ସେସ୍ବବ ବିଚାର କରିଛି, ଏହାର ଜ୍ଞାନ ହୋଇଛି ଏବଂ ବିଜ୍ଞାନ ବଳରେ ଜଗତକୁ ଜିତିବାର ପ୍ରୟାସ କରି ଚାଲିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଓ ଜଙ୍ଗଲ । ମାତ୍ର ବୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଂଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ଯେଉଁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ ଜଳକାରଖାନାରୁ ନିର୍ଗତ ପ୍ରଦୂଷିତ ଗ୍ୟାସ, ଦୂଷିତ ଜଳ, ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ବିଜ୍ଞାନକୁ ପାଥେୟ କରି ବୈଦ୍ୟ ଶକ୍ତି ଏବଂ ପ୍ରକୃତିର ସୃଷ୍ଟିକୁ ସଦାସର୍ବଦା ନିଜ ଅନ୍ତର୍ଜାଳ ଆତ୍ମା ବଢିମା ଜିଦରେ ଅଟଳ ରହି ପରିବେଶକୁ କଳୁଷିତ କରିବାରେ ଲାଗିଛି । ପରିବେଶର ଯତ୍ନ ନେବାକୁ ଏହି ଦିବସ ସମସ୍ତଙ୍କୁ ବାର୍ତ୍ତା ଦେଇଥାଏ ।

କେତେକ ଲାଭଜନୋପାୟ ରାଷ୍ଟ୍ର କୁ ବାଦ ଦେଲେ ଅନ୍ୟ ରାଷ୍ଟ୍ର ମାନେ ଏବେ ମଧ୍ୟ ପରିବେଶ ଓ ପ୍ରଦୂଷଣକୁ ନେଇ ସଚେତନ ହୋଇନାହାନ୍ତି । ତନୁଖାଲୁ ଲାଭ ଅନ୍ୟତମ । ଋତୁ ଚକ୍ରରେ ପରିବର୍ତ୍ତନରେ ବିଶ୍ୱ ତାପାୟାନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁ ଚକ୍ରରେ ପରିବର୍ତ୍ତନ ଦେଖାଦେଇଛି । ଛଅ ଋତୁ ଆଜି ସାତ ସପନ । ପୌଷ ଓ ମାଘର ଲାଭ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍ ଓ ଆବଶ୍ୟକତା ପଡୁଛି । ଫାଲଗୁନ ଓ ଚୈତ୍ର ମାସରେ ନା ଆଏ ଖରା ନା ଶୀତ , ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଅଣେ । କିନ୍ତୁ ଆଜଲିଠି ଶୁଭୁନାହିଁ କୋଇଲିର ସ୍ୱର ଜି ବହୁନାହିଁ ସୁଲୁସୁଲିଆ ଦକ୍ଷଣାଳର ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ । ଗ୍ରୀଷ୍ମ ଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ – ଜ୍ୟୈଷ୍ଠ ନୁହେଁ ବରଂ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସାରୁଠି ହା ହୁତାଶମୟ ପରିବେଶ । ଘରେ ଗରମ ତ ବାହାରେ ଅଗ୍ନିବର୍ଷା । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳକୁ ଶୁଣୁନି ବେଙ୍ଗର ଉଡି । ଏବେ ମୌସୁମୀର ଋତୁରି ଠିକଣା । ଧାରା ଶ୍ରବଣ ହରାର ବସିଛି ତା'ର ପ୍ରାସଙ୍ଗିକତା । ସାତ ସପନ ପାଲଟିଗଲାଣି ଛ' ଋତୁର ଅନୁଭୂତି, ଆଗାମୀ ପିଢ଼ି କେବଳ ଅନୁଭବ କରିବ ଗ୍ରୀଷ୍ମ ଋତୁ । ସଂପ୍ରତି ଏଇ ନିରୋଗ ପ୍ରଭାବ ପରିବେଶ ଉପରେ ପଡ଼ିବା ଯୋଗୁଁ ବର୍ଷା ଓ ମୌସୁମୀ କ୍ଷେତ୍ରରେ ଅନେକ ପରିବର୍ତ୍ତନ ହେବାର ଆଶଙ୍କା କରାଯାଉଛି । ଭାରତ ସମେତ ବର୍ତ୍ତମାନ-ପୂର୍ବ ଏସିଆରେ ମୌସୁମୀ ବାୟୁ ଦୁର୍ବଳ ହୋଇଯାଏ, ଯାହା ଫଳରେ ସ୍ୱାଭାବିକ ଠାରୁ କମ୍ ବୃଷ୍ଟିପାତ ହେବା ସହ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ । ବିଶ୍ୱର ହାରାହାରି ତାପମାତ୍ରାକୁ ବଢ଼ାଇ ଦେଇଥାଏ, ଯାହା ଫଳରେ ଓଡ଼ିଶା ପରି ରାଜ୍ୟରେ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି ଏବଂ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ବଢ଼ିଯାଉଛି । ସମୁଦ୍ରର ତାପମାତ୍ରା ବୃଦ୍ଧି ପାଇବା ଲାଗଣରୁ ସାମୁଦ୍ରିକ ଜୀବ ନଷ୍ଟ ହୋଇଯାଆନ୍ତି ଏବଂ ମାଛର ସଂଖ୍ୟା ମଧ୍ୟ ହ୍ରାସ ପାଇଥାଏ । ମରୁଡ଼ି ଏବଂ ଅତ୍ୟଧିକ ଗରମ ଯୋଗୁଁ ଜଙ୍ଗଲ ପରିବେଶ, ଫସଲ ଉତ୍ପାଦନ ଏବଂ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିଥାଏ ।

ଭାରତ ବର୍ଷର ଜଳବାୟୁରୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଋତୁଚକ୍ରରେ କିଛି ଭାରତମୟ ହେବାର ପରିଲକ୍ଷିତ ହୋଇଥାଏ । ଏହାର ମୂଳ କାରଣ ଜଙ୍ଗଲ ଜାତି ନଷ୍ଟ କରିବା ଓ ଆବଶ୍ୟକ ମୁତାବକ ବୃକ୍ଷରୋପଣ ନ କରିବା । ଫଳରେ ଜଳବାୟୁରେ ଅମ୍ଳଜାନ ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଇଥାଏ । ଫଳରେ ବର୍ଷା ଓ ଶୀତର ପ୍ରକୋପ ନିୟମ ଅନୁଯାୟୀ ନ ହୋଇ ହ୍ରାସ ପାଇଥାଏ । ଗ୍ରୀଷ୍ମର ପ୍ରକୋପ ଅଧିକ ଅନୁଭୂତ ହୋଇଥାଏ, ଯାହାର କୁପ୍ରଭାବ ସିଧାସଳକ ମନୁଷ୍ୟ ସମାଜ ଉପରେ ପଡ଼ିଥାଏ । ଆଜିର ମନୁଷ୍ୟ ନିଜର କ୍ଷଣସ୍ଥାୟୀ ଉପଯୋଗିତାକୁ ଗୁରୁତ୍ୱ ଦେଇ ବିଶାଳକାୟ ବୃକ୍ଷଗୁଡ଼ିକୁ କାଟି ସଫା କରିଦେଉଛି । ନିଜର ସୁବିଧା ପାଇଁ ଜଙ୍ଗଲରେ ଅଗ୍ନି ସଂଯୋଗ କରିବା ହେତୁ ବହୁମୂଲ୍ୟ ପ୍ରାକୃତିକ ସମ୍ପଦ ଅଳ୍ପ ସମୟ ମଧ୍ୟରେ ଜଳିପୋଡ଼ି ପାଉଁଶ ହେଇଯାଉଛି । ଏଇଦ୍ୱାରା ବଣଜଙ୍ଗଲରେ ବାସ କରୁଥିବା ବାଘ, ଭାଲୁ, ବା ହାତି, ଛାତି, ସାପ ଆଦି ବିଭିନ୍ନ ସରୀସୃପ ଜାତୀୟ ବନ୍ୟଜନ୍ତୁଙ୍କ ଜୀବନ ପ୍ରଭାବିତ ହେଉଛି । ଏପରି ପ୍ରକୃତିବିତ ପ୍ରାକୃତିକ ସମ୍ପଦକୁ ମନୁଷ୍ୟ ଦେଖେ ମନେକରି ନଷ୍ଟ କରି ନିଜର ଓ ମନୁଷ୍ୟସମାଜର ସ୍ୱାସ୍ଥ୍ୟ ସୁରକ୍ଷାରେ ବାଧକ ସାଜୁଛି । ଏହାର ପ୍ରତିକାର ଓ ପ୍ରତିରୋଧ ପାଇଁ ନିଜେ ସଚେତନ ହେବା ସହ ଜନସଚେତନତାର ଆଶ୍ୟକତା ରହିଛି । ବହୁ ବର୍ଷ ଧରି ବିଶ୍ୱ ରହିଥିବା ବିଶାଳକାୟ ବୃକ୍ଷସମୂହ ପ୍ରଚୁର ପରିମାଣରେ ଅମ୍ଳଜାନ ସୃଷ୍ଟି କରି ବାୟୁମଣ୍ଡଳକୁ ଛାଡ଼ିଆଁନ୍ତି, ଯାହାଦ୍ୱାରା ମନୁଷ୍ୟ ସୁସ୍ଥ ଅମ୍ଳଜାନ ପାଇବା ହେତୁ ଶରୀରରେ 'ରୋଗ ପ୍ରତିରୋଧକ ଶକ୍ତି' ବୃଦ୍ଧିରେ ସହାୟକ ହୋଇଥାଏ । ଫଳରେ ଜଣେ ବ୍ୟକ୍ତି ସୁସ୍ଥ ଓ ଦୀର୍ଘାୟୁ ଜୀବନ ଯାପନରେ ସହାୟକ ହୋଇଥାଏ । ଯଦି ମନୁଷ୍ୟ ଏପରି ବନ୍ୟ ସମ୍ପଦକୁ ନଷ୍ଟ କରିଚାଲିବ, ଭବିଷ୍ୟତ ପିଢ଼ି ମାନଙ୍କ ପାଇଁ ଅମୂଲ୍ୟ ଅଭାବଜନିତ ସମସ୍ୟା ତଥା ବିଭିନ୍ନ ପ୍ରକୃତି ଓ ପରିବେଶ ଅସନ

ଦୈନିକ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୫ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସାମ୍ବାଦିକ ସମ୍ମିଳନୀରେ ଗଛ କଟାକୁ ନେଇ ତଦନ୍ତ ଦାବି କଲଲା କଂଗ୍ରେସ

ଗୋଗରାଣ, ୦୪/୦୬ (ଆ.ପ୍ର) : ମହେଶପୁର ପଂଚାୟତ କାର୍ଯ୍ୟାଳୟ ପରିସରରେ ଗଛ କଟାକୁ ନେଇ କରି ପଂଚାୟତରେ କଂଗ୍ରେସ କର୍ମୀଙ୍କ ଅସନ୍ତୋଷ କଳୁଜିବାରେ ଲାଗିଛି । ଏନେଇ ମହେଶପୁର ଘାଟ ଠାରେ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସର ପଂଚାୟତ ସଭାପତି ହରିଶ୍ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସର ଉପସଭାପତି ପ୍ରଦୀପ କୁମାର ନାୟକ କହିଥିଲେ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୃହତ ଗଛ ବହୁ ଆବାହନ କାଳରୁ ରହିଥିଲା । ସେହି ଗଛକୁ ପଂଚାୟତର ସରପଂଚ ଚରେରୁ ପାତ୍ର କାଟିବାରୁ କଂଗ୍ରେସ ତଥ ପକ୍ଷରୁ ବିରୋଧ ହୋଇଥିଲା । ପଂଚାୟତର କଂଗ୍ରେସ କର୍ମୀମାନ ତାପରେ ସରପଂଚ ପଂଚାୟତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସେହି ସାମ୍ବାଦିକ ସମ୍ମିଳନୀରେ ପଂଚାୟତର ସରପଂଚ ବିରୋଧୀ ଦଳକୁ ସମ୍ମାଳୋଚନା କରିଥିଲେ । ହେଲେ ସାମ୍ବାଦିକ ସମ୍ମିଳନୀରେ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବଳୟସ କାର୍ଯ୍ୟକ୍ରମରେ ଉପସ୍ଥିତ ହେବାକୁ ନେଇ ପଂଚାୟତରେ କେତେକ କଂଗ୍ରେସ କର୍ମୀଙ୍କ ଅସନ୍ତୋଷ ଦେଖାଦେଇଥିବାବେଳେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ନିରପେକ୍ଷ ତଦନ୍ତ କରାଯାଉ ବୋଲି ଜିଲ୍ଲା ଉପସଭାପତି ଶ୍ରୀ ନାୟକ ଦାବି କରିଛନ୍ତି । ତାହା ସହିତ ଗଛ କଟା ବାବତରେ ବିଡ଼ିଓ, ତହସିଲଦାର ଓ ବନବିଭାଗକୁ ଅବଗତ କରିଥିବା ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସମିତି ସଦସ୍ୟ ମନୋରଞ୍ଜନ ଦାସ, ମହିନା ସଭାପତିଙ୍କ ଉପସ୍ଥିତ ହେବାକୁ ନେଇ ପଂଚାୟତରେ କେତେକ କଂଗ୍ରେସ କର୍ମୀଙ୍କ ଅସନ୍ତୋଷ ଦେଖାଦେଇଥିବାବେଳେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ନିରପେକ୍ଷ ତଦନ୍ତ କରାଯାଉ ବୋଲି ପ୍ରତିନିଧି ପ୍ରଦୀପ କୁମାର ନାୟକ, ଦିଲ୍ଲୀପ ପାତ୍ର, ପ୍ରଫୁଲ୍ଲ ରାଉତ, ସୁମେଧୁ ବିକାଶ ପାତ୍ର, ଅମର ପଟ୍ଟନାୟକ, ସୁଶାନ୍ତ ଓଝା, ସୁରେନ୍ଦ୍ର ମଣ୍ଡଳ, ସୁବାଶ ବଳାଳ ପ୍ରମୁଖ ଉପସ୍ଥିତ ଥିଲେ ।

ଧାମନଗର କଲେଜରେ 'ବିଧାୟକ ମେଧା ସମ୍ମାନ'-୨୦୨୬ପାଳନ

ଧାମନଗର, ୦୪/୦୬ (ଆ.ପ୍ର) : ଧାମନଗର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ବିଧାୟକ ମେଧା ସମ୍ମାନ'-ସହ ଧାମନଗର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବର୍ଗରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ, ପ୍ରଧାନଶିକ୍ଷକ ଓ ବିଦ୍ୟାଳୟକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସକାଳ ୮ଟା ୩୦ମିନିଟ ସମୟରେ ମହାବିଦ୍ୟାଳୟ ଅଧକ୍ଷ ଅଜୟ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଧାମନଗର ଅଂଚଳରେ ଶିକ୍ଷା କିପରି ବୃଦ୍ଧି ପାଇବ ସେ ନେଇ ଗୁରୁତ୍ୱ ଆରୋପ କରି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏହାର ବିକାଶ ପାଇଁ ପରାମର୍ଶ ଦେଇଥିଲେ । 'ବିଧାୟକ ମେଧା ସମ୍ମାନ'-୨୦୨୬ ଏହି ସମ୍ମାନ ବିଭିନ୍ନ ସଫଳ ଛାତ୍ରଛାତ୍ରୀ, ପ୍ରଧାନଶିକ୍ଷକ ଏବଂ ସଫଳ ସ୍କୁଲ ଗୁଡିକୁ ଭିନ୍ନ ଭିନ୍ନ ବିଭାଗରେ ସମ୍ମାନିତ କରିଥିଲେ । ଏଥିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ପିଡି ସୁରେନ୍ଦ୍ର ସାମଲ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ବ୍ଲକ ଶିକ୍ଷା ଧିକାରୀ ପ୍ରଫୁଲ୍ଲ କୁମାର ସାହୁ,ବିଡ଼ିଓ ବନବିହାରୀ ଦାସ, ତହସିଲର ଜ୍ଞାନରଞ୍ଜନ ସାହୁ, ପୂର୍ବତନ ଅଧକ୍ଷ ରଘୁନାଥ ପଣ୍ଡା ଓ ଅନ୍ୟ ଅଧିକାରୀ ବିଭିନ୍ନ ବର୍ଗ ୧୩ଜଣ ଏ ଖ୍ରେଣ ଗ୍ରେଡ ପ୍ରାପ୍ତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେକଙ୍କୁ ୫ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଏବଂ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ୨ଜଣ ଛାତ୍ରୀ ଓ କଳାରେ ଉଲ୍ଲେଖନୀୟ ସଫଳତା ପାଇଥିବା ପ୍ରତ୍ୟେକଙ୍କୁ ୫ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରିବା ସହିତ ୨ଟି ସର୍ବାଧିକ ଏ ଖ୍ରେଣ ପ୍ରାପ୍ତ ବିଦ୍ୟାଳୟର ଉଭୟ ପ୍ରଧାନଶିକ୍ଷକଙ୍କୁ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଉପ ଆଉଟ ଡ୍ରାସରେ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଧାନଶିକ୍ଷକଙ୍କୁ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଏବଂ ବିଧାୟକ ଛାତପାଣ୍ଡିରୁ ୧୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ ସହ ନାମଲେଖା ଛାତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ପ୍ରଧାନଶିକ୍ଷକଙ୍କୁ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସହ ବିଧାୟକ ଛାତପାଣ୍ଡିରୁ ୧୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ ଏବଂ ନଗର ପ୍ରତିନିଧି ଅଶୋକ ସାହୁ, କୈଳାସ ଚନ୍ଦ୍ର ମହାପାତ୍ର,ସଂସରକଙ୍କ ବ୍ଲକ ଏବଂ ନଗର ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ବିଜେପି ନେତା ଅରବିନ୍ଦ ପତି, କିଶୋର ଚନ୍ଦ୍ର ଦାସ, ନାରାୟଣ ରାଣା ପ୍ରମୁଖ ଉପସ୍ଥିତ ଥିଲେ ।

ଗଜପତିରେ ୨୮,୬୪୧ ହୀତାଧିକାରୀ ପେନସନରୁ ବଂଚିତ

ପାରଳାଖେମୁଣ୍ଡି, ୦୪/୦୬ (ଆ.ପ୍ର) : ଗଜପତି ଜିଲ୍ଲାରେ ୨୮,୬୪୧ ବ୍ୟକ୍ତି ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକ୍ରମରୁ ବଂଚିତ ହୋଇଛନ୍ତି । ବର୍ତମାନ ଏକ ପରିସଂଖ୍ୟାନ ଅନୁସାରେ ଜିଲ୍ଲାର ବୃଦ୍ଧ, ବୃଦ୍ଧା, ବିଧବା, ଭିନ୍ନକ୍ଷମ ଏଥିରେ ଅନ୍ତର୍ଭୁକ୍ତ । ସୂଚନା ପ୍ରକାରେ ଗତ ମାର୍ଚ୍ଚ ମାସଠାରୁ ମୃତ୍ୟୁବୃଦ୍ଧ ପେନସନ, ବିଧବା ଭତା, ବାର୍ଦ୍ଧକ୍ୟ ଭତା ଓ ଭିନ୍ନକ୍ଷମ ଭତା ମିଳିନାହିଁ । ଏଥିରେ ପ୍ରଭୁତି ସମ୍ବାଦୀୟ ସମସ୍ୟା ଅଛି । ଯାହାକିମ୍ବଦନ୍ତେ ବର୍ଗ ୨ ମାସ ଭତା ନପାଇବା ଦ୍ୱାରା ସେମାନେ ନିଜର ଜରୁରୀକାଳୀନ ଖର୍ଚ୍ଚ ଯଥା ଔଷଧ ଓ ଅନ୍ୟାନ୍ୟ ଦୈନନ୍ଦିନ ଖର୍ଚ୍ଚ ମେଟାଇବା ପାରୁନାହାନ୍ତି । ତେଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଶୀଘ୍ର ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଛନ୍ତି ।

ଆନ୍ତର୍ଜାତୀୟ ଶିଶୁ ଦିବସ ପାଳିତ

ଦଶପଲ୍ଲା, ୦୪/୦୬ (ଆ.ପ୍ର) : ପ୍ରକଳ୍ପ ଅଧିକାରୀ, ଦଶପଲ୍ଲା ଦ୍ୱାରା ଶିମିଳିସାହି ଗ୍ରାମ ପଂଚାୟତ ଅନ୍ତର୍ଗତ ଗୋଡ଼ିବିଡ଼ା ଓ ଡେଣ୍ଡାବାଡ଼ି ଗ୍ରାମ ପଂଚାୟତର କଳନ୍ଦୁଆସାହି ଗ୍ରାମରେ ଅନ୍ତର୍ଜାତୀୟ ଶିଶୁ ସୁରକ୍ଷା ପାଇଁ ଗୋଷ୍ଠୀ ଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଅଧିକାର ମିତ୍ର ଉର୍ମିଳା ସାମୀ ଓ ମନୋରଞ୍ଜନ ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଗ୍ରାମ୍ୟ ମହିଳା, ଛାତ୍ର ଛାତ୍ରୀ ଏ ସଚେତନତା ଉତ୍ସବରେ ଅଂଶ ଗ୍ରହଣ କରିଥିଲେ । ଯୁଦ୍ଧ,ସଶସ୍ତ୍ର ସଂଘର୍ଷ, ହିଂସା ଓ ଆକ୍ରମଣରେ ପୀଡ଼ିତ ହେଉଥିବା ନିର୍ଦ୍ଦୋଷ ଶିଶୁମାନଙ୍କର ରୁଷ୍ଟି ଓ କଷ୍ଟକୁ ଅନୁଭବ କରିବା, ଶିଶୁମାନଙ୍କ ଅଧିକାର ଓ ସୁରକ୍ଷାର ଆବଶ୍ୟକତା ବିଷୟରେ ସଚେତନ କରିବା, ସେମାନଙ୍କ ବଂଚିବା ଅଧିକାର, ଶିକ୍ଷା ଅଧିକାର, ସୁରକ୍ଷା ଅଧିକାର,ସ୍ୱାଧୀନ ଅଧିକାର ଏବଂ ଚିକିତ୍ସା କ୍ଷେତ୍ରରେ ଶିଶୁମାନଙ୍କ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ । ଶିଶୁ ଆମ ଦେଶର ଭବିଷ୍ୟତ ଓ ପ୍ରତ୍ୟେକ ଶିଶୁ ସୁରକ୍ଷିତ, ସୁସ୍ଥ ଏବଂ ସମ୍ମାନପୂର୍ଣ୍ଣ ପରିବେଶରେ ବଢ଼ିବାର, ପଢ଼ିବାର ଓ ବଂଚିବାର ଅଧିକାର ଅଛି ବୋଲି ଅଧିକାର ମିତ୍ର ପ୍ରତିମା ପ୍ରଧାନଙ୍କ ସରୋଜିନୀ ମଳିକ କହିଥିଲେ ।

ଜନଆନ୍ଦୋଳନ ପାଲଟିଲା ପରିବେଶ ସୁରକ୍ଷାର ରୋଲ୍ ମଡେଲ୍

ନୂଆପଡ଼ା, ୦୪/୦୬ (ଆ.ପ୍ର) : ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧୀ ଲଢ଼େଇରେ ନୂଆପଡ଼ା ଜିଲ୍ଲା ଏକ ନୂଆ ଇତିହାସ ରଚିଛି । ଗତ ବର୍ଷ ବିଶ୍ୱ ପରିବେଶ ଦିବସରେ ଆରମ୍ଭ ହୋଇଥିବା 'ଏସୟୁପି ମୁକ୍ତ ନୂଆପଡ଼ା' ଅଭିଯାନ ଏକ ବର୍ଷ ପୂରଣ କରିଥିବା ବେଳେ ଏହା କେବଳ ପ୍ରଶାସନିକ କାର୍ଯ୍ୟକ୍ରମ ନୁହେଁ, ବରଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତାରେ ଏକ ସଫଳ ଜନଆନ୍ଦୋଳନରେ ପରିଣତ ହୋଇଛି । ୩୦ ଜୁନ୍ରୁ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ, ହଜାର ହଜାର ସଚେତନତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ମାଧ୍ୟମରେ ନୂଆପଡ଼ା ରାଜ୍ୟରେ ପରିବେଶ ସୁରକ୍ଷାର ଏକ ଆଦର୍ଶ ମଡେଲ୍ ଭାବେ ଉଭା ହୋଇଛି ।

ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇ ଦୁଇ ବିଜେଡି ନେତା ଟୁନା ଦାସ ଓ ପ୍ରମୋଦ ସାହୁ ନିଲମ୍ବିତ

ବାଲିଗୁଡା, ୦୪/୦୬ (ଆ.ପ୍ର) : ରାଜ୍ୟସଭା ନିର୍ବାଚନରେ କ୍ରସବୋଟିଂ ପାଇଁ ବିଜେଡିରୁ ନିଲମ୍ବିତ ହୋଇଥିବା ବାଲିଗୁଡା ବିଧାୟକ ଚନ୍ଦ୍ରମଣି କର୍ଦ୍ଦିଙ୍କୁ ବୁଧବାର ସକାଳେ ସମ୍ବର୍ଦ୍ଧନା କରି ସନ୍ଧ୍ୟା ରେ ଦଳରୁ ବିଜେଡିର ଦୁଇଜଣ ସ୍ଥାନୀୟ ନେତା ନିଲମ୍ବିତ ହୋଇଛନ୍ତି । ସେ ହେଲେ ବାଲିଗୁଡା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ତଥା ବିଜେଡି ଜିଲା ଉପସଭାପତି ଟୁନା ଦାସ ଓ ବିଧାୟକଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁ । ଦଳ ବିରୋଧୀ କାର୍ଯ୍ୟ ଲାଗି ସେମାନଙ୍କୁ ନିଲମ୍ବିତ କରାଯାଇଛି । ବିଧାୟକ ସଭାପତିଙ୍କ ନିଷ୍ପତ୍ତି କ୍ରମେ ସାଧାରଣ ସମ୍ପାଦକ ବିଜୟ ନାୟକ ଏହି ଦୁଇ ନେତାଙ୍କୁ ନିଲମ୍ବନ କରିଛନ୍ତି । ବାଲିଗୁଡା ବିଧାୟକ ଚନ୍ଦ୍ରମଣି କର୍ଦ୍ଦିର ଗତ ରାଜ୍ୟସଭା ନିର୍ବାଚନରେ ଦଳବିରୋଧୀ ଭୋଟ ଦେଇ ଦଳରୁ ନିଲମ୍ବିତ ହୋଇଥିଲେ । ଏହା ପରଠାରୁ ବିଧାୟକ ନିଜ ନିର୍ବାଚନ ମଣ୍ଡଳୀକୁ ଆସିନ ଅଛେ । ବୁଧବାର ବିଜେଡି ଜିଲା ଉପସଭାପତି ଟୁନା ଦାସଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକର ବଳାୟ କର୍ମକର୍ତା ଓ ହଜାର ହଜାର ହଜାର କର୍ମୀ ଉପସ୍ଥିତ ରହି ନିଲମ୍ବିତ ବିଧାୟକ ଚନ୍ଦ୍ରମଣି କର୍ଦ୍ଦିଙ୍କୁ ସମ୍ବର୍ଦ୍ଧନା କରିଥିଲେ । ନିର୍ବାଚନ ମଣ୍ଡଳୀର ସମସ୍ତ ଆଉଟଡିର ନେତା ଓ କର୍ମୀ ବିଧାୟକଙ୍କୁ ସାରଙ୍ଗଡ-ବାଲିଆ ଛକ ଠାରୁ ସ୍ୱାଗତ କରି ଏକ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ । ମଝାଘଣ୍ଟି ସ୍ଥିତ ଟୁନା ଦାସ ଙ୍କ ଫାର୍ମ ହାଉସରେ ଏକ ବିରାଟ ସମ୍ବର୍ଦ୍ଧନା ସଭା ହୋଇଥିଲା । ସଭାରେ ବିଜେଡି ଜିଲା ଉପସଭାପତି ଟୁନା ଦାସ ଉପରୋଧରେ ଦେଇ ରାଜ୍ୟସଭା ନିର୍ବାଚନ ପରେ ବିଧାୟକଙ୍କୁ ବିଜେଡି ନିଲମ୍ବିତ କରିଥିଲେ ଦେଇ ବକ୍ତା ତାଙ୍କୁ ଭଲ ପାଇବାବାଲୁ କର୍ମୀମାନେ ଆଜି ଏକଜୁଟ ହୋଇ ସ୍ୱାଗତ ଜଣାଇଛୁ ବୋଲି କହିଥିଲେ । ବିଧାୟକ ଅନେକ ବିକାଶ କାର୍ଯ୍ୟ କରିଛନ୍ତି । ବର୍ତମାନ ୪୦ଟି ରାସ୍ତା କାମର ଅନୁମୋଦନ ହୋଇଯାଇଛି । ନିର୍ବାଚନମଣ୍ଡଳୀର ୫୪ ପଂଚାୟତ କୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ବିଧାୟକ ଆଣିପାରିଛନ୍ତି ବୋଲି କହି ସେ ବିଧାୟକଙ୍କୁ ପ୍ରଶଂସା କରିଥିଲେ । ନିଲମ୍ବିତ ଆଉ ମଧ୍ୟ ଟୁନା ଦାସଙ୍କ ନେତୃତ୍ୱରେ ଜନସମାଗମରେ ମୋତେ ସମ୍ବର୍ଦ୍ଧିତ କରାଯାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ବିଧାୟକ ଶ୍ରୀ କର୍ଦ୍ଦି ସମ୍ବର୍ଦ୍ଧନା ସଭାରେ କହିଥିଲେ । ବିଗତ ଦିନରେ ସମସ୍ତଙ୍କ ସହିତ ଥୁଣି ଏବଂ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ରହି ଆମ ନିର୍ବାଚନ ମଣ୍ଡଳୀର ବିକାଶ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡା ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ଅବନୀକାନ୍ତ ନାୟକ, ପୂର୍ବତନ ଏନଏସି ଅଧକ୍ଷ ରୋଜନାଥ ପାଢୀ, ଜିଲା ସମ୍ପାଦକ ପ୍ରମୋଦ ସାହୁ, ବିଧାୟକଙ୍କ କୋଟରଡ଼ ପ୍ରତିନିଧି ମନୋଜ ସାବତ, ତିନୋଟି ବ୍ଲକର ଅଧକ୍ଷ, ଜିଲା ପରିଷଦ ସଭ୍ୟ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ ।

ନାଟ୍ୟଶ୍ରୀ ଆର୍ତବନ୍ଧୁ ରାଉତରାୟଙ୍କ ୯୮ ତମ ଜୟନ୍ତୀ ଉଦ୍‌ଯାପିତ

ଜଗତସିଂହପୁର, ୦୪/୦୬ (ଆ.ପ୍ର) : ନାଟ୍ୟଶ୍ରୀ ଆର୍ତବନ୍ଧୁ ରାଉତରାୟଙ୍କ ୯୮ତମ ଜୟନ୍ତୀ ଉତ୍ସବ ପ୍ରାଣନାଥ ସମ୍ବଙ୍ଗ ଗ୍ରାମରେ ଦୁଇ ଦିନ ଧରି ପାଳନ କରାଯାଇ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ନାଟ୍ୟଶ୍ରୀ ଆର୍ତବନ୍ଧୁ ରଙ୍ଗମଂଚ ପକ୍ଷରୁ ଆୟୋଜିତ ଉଦଯାପନୀ ସଭାରେ ରଙ୍ଗମଂଚର ସଭାପତି ସରୋଜ କୁମାର ଦ୍ୱିବେଦୀସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବଙ୍ଗ ଗ୍ରାମ ପଂଚାୟତର ସରପଂଚ ମିନତୀ ଜେନା, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଅଲେଖ ଚନ୍ଦ୍ର ବେହେରା ଓ ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ପ୍ରଭାତ କୁମାର ବେହେରା, ସ୍ଥାନୀୟ ସମିତି ସଭ୍ୟ ଦୀପକ କୁମାର ସ୍ୱାଇଁ, ଯୁବ ନିର୍ଦ୍ଦେଶକ ଅଶୋକ ଜେନା ଓ ସମ୍ପାଦକ ଅରୁଣ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଯାତ୍ରା ନାଟକର ଅତୀତର ସ୍ମୃତି ଓ ବର୍ତମାନର ସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ଷ୍ଟ ପରିଷଦର ବରିଷ୍ଠ ସଦସ୍ୟ ବିଜନ ମହାପାତ୍ର ଅତିଥି ମାନଙ୍କୁ ଆମନ୍ତ୍ରଣ କରିଅଛି ବେଳେ କର୍ମକର୍ତା ଗୌର ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଏ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଓ ବରିଷ୍ଠ କର୍ମକର୍ତା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉପଲକ୍ଷେ ରଙ୍ଗମଂଚ ପକ୍ଷରୁ ବହୁ ଚର୍ଚ୍ଚିତ ନାଟକ 'ଆଖିର ସପନ ଲୁହରେ ଶେଷ' ପରିବେଶଣ କରାଯାଇଥିଲା । ବିଶିଷ୍ଟ ନାଟ୍ୟକାର ଦାମ ପ୍ରଧାନଙ୍କ ରଚନା ଓ ଲଂ ଯୋଗେନ୍ଦ୍ର ମଲ୍ଲିକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ପରିବେଶିତ ନାଟକରେ କଳାକାର ଭାବେ ଅରୁଣ କୁମାର ରାଉତରାୟ, ତରୁଣ କୁମାର ରାଉତରାୟ, ତପନ ନାୟକ, ବିଜୁଲି କୁମାର, ସାଗର, ନରେନ୍ଦ୍ର, ବିଜୟ, ରାଜା, ଦ୍ୱିଜୁଆ, ରାଜା, ଲାଲିଆ, ସୁଲୁ, ବିଜୟଲକ୍ଷ୍ମୀ, ଟିକି, ମାମା ପ୍ରଭୃତି କଳାକାର ମାନେ ଚିତାକର୍ଷକ ଅଭିନୟ କରିଥିଲେ । ଏହି ନାଟକରେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ପ୍ରତାପ ଗୁରୁ ବିଶ୍ୱାଳ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମୀର ପଟ୍ଟନାୟକ, ତପନ କୁମାର ରାଉତରାୟ, ଶୁଭେନ୍ଦୁ ସ୍ୱାଇଁ, ରାଜକିଶୋର ସାହୁ,ସଚ୍ଚିକାନ୍ତ ଜେନା, ବିଜୟ ବଣ୍ଟିଆ ଓ ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଫିରିଙ୍ଗି ଭାରତରେ ପ୍ରଥମ ସ୍ୱାଧୀନତା ଘୋଷଣାର ମହାନାୟକ ବୀର ବିପ୍ଳବୀ ସହୀଦ କୃତିବାସଙ୍କୁ ବାଣପୁରବାସୀ ଦେଲେ ଅଶେଷ ଶ୍ରଦ୍ଧାଞ୍ଜଳି

ଚିଲିକା/ବାଣପୁର, ୦୪/୦୬ (ଆ.ପ୍ର) : ପରାଧୀନ ଭାରତର ଅତ୍ୟାଚାରୀ ଫିରିଙ୍ଗି ସରକାରଙ୍କ ବିରୁଦ୍ଧରେ ୧୮୧୭ରେ ବଢ଼ି ଜଗବନ୍ଧୁଙ୍କ ଡାକରାରେ ବାଣପୁର ମାଟିରେ ପ୍ରଥମେ ସଂଗଠିତ ହୋଇଥିବା ପାଇକ ବିଦ୍ରୋହର ପ୍ରଚଣ୍ଡସ୍ପର୍ଶ ଫିରିଙ୍ଗି ଶକ୍ତି ଆଗରେ ଧୀରେ ଧୀରେ ନରମି ଯାଇଥିଲେ ମଧ୍ୟ ତାହା ନିର୍ବାପିତ ନ ହୋଇ ପୁନର୍ବାର ୧୯ ବର୍ଷ ପରେ ୧୮୩୬ ମସିହା ଜୁନ୍ ପହିଲାରୁ ଲେଲିହାନ ଅଗ୍ନି ଶିଖାରେ ପ୍ରଜ୍ୱଳିତ ହୋଇ ଆଗମ ହୋଇଥିଲା ଆଉ ଏକ ବିଦ୍ରୋହ । ଜୁନ ପହିଲାରୁ ଆରମ୍ଭ ହୋଇଥିବା ଏହି ବିଦ୍ରୋହର ରାଜା ଶରଣ ସିଂହ (ଂଚାନନ ମାଲଜା)ଙ୍କ ନିର୍ଦ୍ଦେଶରେ ବାଣପୁର ଅରାଙ୍ଗ ଗଡ଼ର ବଳବେହେରା ବୀର ବିପ୍ଳବୀ ସେନାପତି କୃତିବାସ ପାଚଶୀଣାଙ୍କ ନେତୃତ୍ୱରେ ପାଇକ ସର୍ମାର ଲୋକନ ବିଶୋଇ, ଶିବ ବିଶୋଇ, ସାଧୁ ଜାନି ଦାନାଜାନି ଏବଂ ମାଳ ଅଂଚଳର ଶହଶହ ଲକ୍ଷଶୀଉରା ପାଇକଙ୍କ ସହିତ ବାଣପୁରର ବିଭିନ୍ନ ଗ୍ରାମର ଦୁର୍ଦ୍ଧର୍ଷ ପାଇକମାନେ ସଂଗଠିତ ହୋଇ ଜୁନ ୪ତିଖରେ ପଲଶେ ଠାରେ ଥିବା କାର୍ଯ୍ୟାଳୟର ଗୋରା ଫିରିଙ

ଆରମ୍ଭ
SEITHO AKAMBHA
ଶୁକ୍ରବାର, ୫ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଦୁର୍ବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ ଉପଲକ୍ଷେ 'ୱାଦା' ସଚେତନତା ପୋଷ୍ଟର ଉନ୍ମୋଚିତ

ଜଗତସିଂହପୁର, ୦୪/୦୬ (ଆ.ପ୍ର) : ଆସନ୍ତା ୨୬ ଜୁନ ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଦୁର୍ବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ ପାଳନ ଅବସରରେ ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପରିଚାଳିତ 'ୱାଦା' ଅଭିଯାନର ସଚେତନତା ପୋଷ୍ଟର ଆଜି ଜଗତସିଂହପୁର ସ୍ଥିତ ସାରଳା ସଂସ୍କୃତି ଭବନ ଠାରେ ଉନ୍ମୋଚିତ ହୋଇଯାଇଛି । ଜଗତସିଂହପୁରର ଜିଲ୍ଲାପାଳ କେ. ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ମିଳିତ ଭାବେ ଏହି ପୋଷ୍ଟରକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ହିତେଶ କୁମାର ମହାନ୍ତି ସମାଜସେବୀ ମଧୁସୂଦନ ସାହୁ ପୂର୍ବତନ ଅଧକ୍ଷ ଜଗତସିଂହ ପୁର ପୌରପରିଷଦ, ଟ୍ରଷ୍ଟର କୋଷାଧ୍ୟକ୍ଷ କରୁଣାକର ସାହୁ, ମଂଚ ପରିଚାଳନା କରିଥିଲେ ପରିଚିତ କୁମାର ସାହୁ ସ୍ୱେଚ୍ଛାସେବକ, ଯୁବ ପ୍ରତିନିଧି ଏବଂ ବାଣୀଧାରା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ କେ. ସୋନାଲ କହିଥିଲେ ଯେ ନିଶା ଦ୍ରବ୍ୟ ଯୁବପିଢ଼ିର ଭବିଷ୍ୟତକୁ ନଷ୍ଟ କରିବା ସହ ପରିବାର ଏବଂ ସମାଜ ଉପରେ ଗଭୀର କୁପ୍ରଭାବ ପକାଏ । ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ହେଉଛି ସବୁଠାରୁ ବଡ଼ ଅସ୍ତ୍ର ।ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ନିଶା ଦ୍ରବ୍ୟ କାରବାର ଓ ସେବନ ବିରୋଧରେ ପୋଲିସର ନିରନ୍ତର ଅଭିଯାନ ବିଷୟରେ ସୂଚନା ଦେବା ସହ ଯୁବସମାଜକୁ ଏହି କୁଅଭ୍ୟାସରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ । ବାଣୀଧାରା ଚାରିଟେବୁଲ ଟ୍ରଷ୍ଟର ଜନଜେନର ଚରିତ୍ରକ୍ଷ ଶତପଥୀ କହିଥିଲେ ଯେ, ୨୬ ଜୁନ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହା ଅଧୀନରେ କାକୁଲେଖା (ଭବସକ୍ଷ ଚବସଉଷ୍ଟ-ସଲଣ), ପଥପ୍ରାନ୍ତ ନାଟକ, ସଚେତନତା ରାଲି, ସାଇକେଲ ରାଲି, ପଦଯାତ୍ରା, ଆଲୋଚନା ଚକ୍ର, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । 'ୱାଦା' ସଙ୍ଗଠନ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ନିଶା ଦ୍ରବ୍ୟଭ କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ନିଶାମୁକ୍ତ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଏବଂ ସମାଜକୁ ଏକ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ଦିଗରେ ଅଗ୍ରସର କରିବା । ଏ ନେଇ ଜଲଲର ଦାର୍ଘ ଦିନ ହେଲା ଏ ଉପରେ କାର୍ଯ୍ୟକ୍ରମ ମାନ କରିଆସୁଛ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ନିଶାମୁକ୍ତ ଜଗତସିଂହପୁର ଏବଂ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସାମୁହିକ ଭାବେ କାର୍ଯ୍ୟ କରିବାର ସଂକଳ୍ପ ନେଇଥିଲେ ।

ଭାଙ୍ଗୁଛି ଇଡକୋ ନା ଆର୍ ଆଣ୍ଠ ବି ଦୋଛକିରେ ଜନତା

ଚାଙ୍ଗା-ଚୌଦ୍ୱାର୍ଡ଼୪, ୦୪/୦୬ (ଆ.ପ୍ର) : ଚୌଦ୍ୱାର ପୌର ଅଧିନ ଓଟିଏମ - ନୂଆଗାଁ ଗାରାଜ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି । ଏହାରି ମଧ୍ୟରେ ଗାରାଜ ଦୁଇ ପାର୍ଶ୍ୱରେ ଗଢି ଉଠିଥିବା ଦୋକାନ ଗୃହ ଘର ଗୁଡ଼ିକୁ ୬ଫୁଟ ଘୁଂଚି ଯିବାକୁ କିଛି ଯୁବକ ପରାମର୍ଶ ଦେଉଥିଲେ । ଅଂଚଳ ବିକାଶ ପାଇଁ ଉକ୍ତ ପରାମର୍ଶକୁ ସ୍ୱାଗତ କରି କିଛି ବ୍ୟବସାୟୀ ସ୍ୱାଇଚ୍ଛାରେ ଦୋକାନ ଭାଙ୍ଗି ପଛକୁ ଘୁଂଚି ଯାଇଥିବା ଦେଖିବାକୁ ମିଳିଥିଲା । ବଡ ଆଶ୍ଚର୍ଯ୍ୟର କଥା ଏହି ରାସ୍ତାଟି ଆର ଆଣ୍ଠ ବି ଅଧିକରେ ଯାଉଥିବା ଦେଖେ ଜଲକୋ କିପରି ରାସ୍ତା ନିର୍ମାଣ କରୁଛି ଏହାକୁ ନେଇ ଜଣେ ଶିକ୍ଷିତ ବ୍ୟବସାୟୀ ମାନସ କେମା ସ୍ୱର ଉତ୍ତୋଳନ କରିଥିଲେ । ପରେ ଏହି ପ୍ରତିବାଦ ସମ୍ପର୍କରେ ଜଣାଇ ଆରଆଣ୍ଡବି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ରାସ୍ତା କାମ ଆମେ କରୁନୁ ଜଲକୋ କରୁଛି । ଜଲକୋକୁ ଚିଠି କରିଛୁ ଜଲବି କାମ ବନ୍ଦ କରିବାକୁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଲକୋ ପୁନଃଶ୍ଚ କାର୍ଯ୍ୟ ଜାରି ରଖିଛି । ଜଲକୋ କୁ ପଗାଡିବାରୁ ସେ କୌଣସି ଉତର ନ ରଖୁ ନାହିଁ । ସାଧାରଣ ଜନତା ଦୋକାନ ଘର ଭାଙ୍ଗିବେ ନା ରଖିବେ ଦୋଛକିରେ ପଡିଛନ୍ତି ।

ଚନ୍ଦ୍ରଶେଖରପୁରରେ ରଜ ବଜାର ବ୍ଲିସ୍ ଆଣ୍ଡ ବ୍ଲାସ୍ ପକ୍ଷରୁ ପ୍ରଦର୍ଶନୀ

ଭୁବନେଶ୍ୱର, ୦୪/୦୬ (ଆ.ପ୍ର) : ଚନ୍ଦ୍ରଶେଖରପୁର ଚିଲ୍ଡ୍ରେନ୍ ସେଂଟର ନିକଟସ୍ଥ ହୋଟେଲ ସଦ୍ଭାବ ଠାରେ ଖୋଲିଛି ରଜ ବଜାର । ବ୍ଲିସ୍ ଆଣ୍ଡ ବ୍ଲାସ୍ ଲାଇଫ୍‌ଷ୍ଟାଇଲ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀକୁ ଯୁବନେତା ମନୋଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରଦର୍ଶନୀ ଜୁନ ୪ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ଓ ଶନିବାର ତିନି ଦିନ ଧରି ଚାଲିବ । ଦିନ ୧୧ ଟା ଠାରୁ ରାତି ସାଢେ ୯ ଟା ପର୍ଯ୍ୟନ୍ତ ଖୋଲା ରହିବ । ଗ୍ରାହକମାନେ ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ହ୍ୟାଣ୍ଡଲୁମ ଶାଢୀ, ପୋଷାକ, ବ୍ୟାଗ, ଲାଞ୍ଜିଟ୍ , ଗହଣା ଇତ୍ୟାଦି ପାଇ ପାରିବେ । କଳିକତାର ବଛା ବଛା ବୁଣାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଶାଢୀ, ସାଲ୍‌ୱାର, ବନାରସ୍, ସୁତା ଓ ପ୍ରେଜେଣ୍ଟିକ ଶାଢୀ, ଲାନ୍‌ଗାସ ପ୍ରିଣ୍ଟ ଶାଢୀ, ଡ୍ରେସ୍ ମଧ୍ୟରେ କୁର୍ତ୍ତିଦାର, କୁର୍ତ୍ତୀ, କୁର୍ତ୍ତୀ, ନାଇଟ୍, ଟପ୍, ସାର୍ଟ, ପାଜାମା, ଗଛଣା ମଧ୍ୟରେ ସିଟି ଗୋଲ୍, ଓଲ୍ ଗ୍ରାମ ଗୋଲ୍, ଗୋଲ ଗୋଲ୍, ଫାଇନ୍‌ସି, ଆଣ୍ଟି ଗାର୍ମିସ୍, ଏହି ଇତ୍ୟାଦି ସୁଷ୍ମ କାରୁକାର୍ଯ୍ୟର ଗହଣା ଉପଲବ୍ଧ ରହେ । ଏଥି ସହିତ ହ୍ୟାଣ୍ଡଲୁମ ଦେବଷ୍ଟଟ୍, ଚଦିଆ କଭର, ବ୍ୟାଗ, ଲାଞ୍ଜିଟ୍ ଇତ୍ୟାଦି ସୁଲଭ ମୂଲ୍ୟରେ ଗ୍ରାହକମାନେ ପାଇପାରିବେ । ସମସ୍ତ ଜିନିଷ ଉପରେ ୨୦ ପ୍ରତିଶତ ରିଆତି ମିଳିବ ବୋଲି ବ୍ଲିସ୍ ଆଣ୍ଡ ବ୍ଲାସ୍‌ର ମୁଖ୍ୟ ଶ୍ରୁତିରା ପାନି ଦାବ କରିଛନ୍ତି ।

ବିଜେଡିର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ଧର୍ମଗଡ଼, ୦୪/୦୬ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବିଜେଡି ଡରମପୁ ବିଜିନ୍ସ ସମସ୍ୟା ନେଇ ବ୍ଲକ ସମ୍ମୁଖରେ ଧାରଣା ରେ ବସିଥିଲେ । ନାରୀ ସଶକ୍ତିକରଣ କ୍ଷେତ୍ରରେ ବିଜୁ ପଟ୍ଟନାୟକ ଜଣେ ଯୁଗ ପ୍ରବର୍ତକ ଥିଲେ । ଫଂଚାୟତିରାଜ ସଂସ୍ଥା ଓ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରି ସେ ଏକ ନୂଆ ଦିଗ ଦେଖାଇଥିଲେ । ପରବର୍ତୀ ସମୟରେ ବିଜେଡି ସରକାର ଫଂଚାୟତ ଓ ପୌର ସଂସ୍ଥା ଗୁଡ଼ିକରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିବା କଥା ମଧ୍ୟ ସେମାନେ ସ୍ମରଣ କରାଇଥିଲେ । ଏହି ଅବସରରେ ଶତାଧିକ ମହିଳା କର୍ମୀ , ମହିଳା ସଂରକ୍ଷଣ ବିଲ୍-୨୦୨୩କୁ ଦୃଢ଼ ଭାବେ ସମର୍ଥନ କରି ବିଜେଡି କର୍ମୀ ଧର୍ମଗଡ଼ ଡାକ ବଙ୍ଗଳାରୁ ଏକ ବିଶାଳ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରିଥିଲେ । ସେଠାରେ ବିଜୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ମହିଳାଙ୍କୁ ସଂରକ୍ଷଣ ଦେବାକୁ ବିଜେଡି ଜିଲ୍ଲା ମହିଳା ସଂରକ୍ଷଣ ସମ୍ପାଦକ ଜ୍ୟୋତ୍ସନା ସିଂ ଦେଓ, ପୂର୍ବତନ ବିଧାୟକ ମୌଷଧି ବାଗ, ଗୋବର୍ଦ୍ଧନ ବାଗ, ବିଜେଡି ରାଜ୍ୟ ମହିଳା ସାଧାରଣ ସଂପାଦିକା ହୀରା ବାଗ, ବିଜେଡି ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ବିଜେଡି ବ୍ଲକ ସଭାପତି ଡାକେଶ୍ୱର ଲହଳନ, ସଭାନେତ୍ରୀ ମମତାରାଣୀ ଗୋପାଳ, ପୂର୍ବତନ ରାଜ୍ୟ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ନାରୀନେତ୍ରୀ ଲଳିତା ନାଏକ, ଜିଲ୍ଲାପରିଷଦ ଗୋପୀନାଥ ମହାନନ୍ଦ, ପ୍ରଣବ ଲଙ୍କେଶ୍ୱର, ଶଙ୍କର ପ୍ରସାଦ କୁଏଦ୍, ପ୍ରଶାନ୍ତ ଡିଖୁରା, ଦୁଷ୍ମନ୍ତ ନାଏକ ଓ ବଦ୍ରୀ ପଟ୍ଟନାୟକ, ଯୁବନେତା ଭବାନୀ ଦଣ୍ଡିଆ, ରତନ ନାଏକ, ସନ୍ତୋଷ ପାଢ଼ୀ, ଲାଡେଶ ଗଉଁଡାଙ୍କ ସମେତ ଅନେକ ନେତା ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ । ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସ୍ଥରୀୟ ବିଜେଡି ପକ୍ଷରୁ ସଂରକ୍ଷଣ ଓ ନାରୀ ସଶକ୍ତିକରଣ , ରାଜ୍ୟରେ ନାରୀ ନିର୍ଯାତନା ଘଟଣା, ମହିଳା ସୁରକ୍ଷା, ନାରୀ ଅଧିକାର ସୁନିଶ୍ଚିତ କରିବା ଓ ବଢୁଥି ?ିବା ଆଇନ-ଶୃଙ୍ଖଳା ରକ୍ଷା, ସଂରକ୍ଷଣ ବିଲ୍‌କୁ ଶୀଘ୍ର କାର୍ଯ୍ୟକାରୀ କରିବା ଦାବି ନେଇ ରାଜ୍ୟପାଳ ଉଦ୍ଦେଶ୍ୟରେ ବିଡ଼ିଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ବର୍ତମାନ ସୁଦ୍ଧା ଜିଲ୍ଲାରେ ୨୯ ପ୍ରତିଶତ ଏସଆଇଆର୍ ଫର୍ମ ବଂଟନ

ଯାଜପୁର, ୦୪/୦୬ (ଆ.ପ୍ର) : ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମଇ ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା । ଜିଲ୍ଲାରେ ନିୟୋଜିତ ଥିବା ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଂଟନ କରୁଛନ୍ତି । ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓ ମାନେ ସହଯୋଗ କରୁଛନ୍ତି । ଜିଲ୍ଲାରେ ମୋଟ ୧୫,୩୬,୧୦୧ ଜଣ ଭୋଟର ଅଛନ୍ତି । ଏହି ପରିପ୍ରେକ୍ଷୀରେ ୪ ଜୁନ୍ ୨୦୨୬ ସୁଦ୍ଧା ଯାଜପୁର ଜିଲ୍ଲାରେ ବିଜିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୪,୫୨,୩୬୨ ଟି ପରିଗଣନା ଫର୍ମ ବଂଟନ କରାଯାଇଛି । ଏବେ ସୁଦ୍ଧା ୨୯.୪୩ ପ୍ରତିଶତ ମତଦାତାଙ୍କ ଫର୍ମ ପୂରଣ ହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ବିଷ୍ଣୁପୁର ବିଧାନସଭା କେନ୍ଦ୍ରରେ ୯୯୭୧୫, ବରୀରେ ୫୫୭୩୩, ବଡ଼ଚଣାରେ ୭୩୪୨୦, ଧର୍ମଶାଳାରେ ୫୬୦୧୦, ଯାଜପୁରରେ ୯୪୮୦୯, କୋରେଇରେ ୪୬୧୪୧, ସୁକିନ୍ଦାରେ ୨୬୫୩୩ ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଂଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଜେଠୁଟି କଲେକ୍ଟର ଅଶୋକ ବେହୁରୀ ସୂଚନା ଦେଇଛନ୍ତି । ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ । ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିତା ଭୋଟର ତାଲିକା ପ୍ରକାଶ ହେବ । ଭୋଟର ତାଲିକାକୁ ନିର୍ଭୁଲ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଏହି ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି ।

ଉପନ୍ୟାସ 'ଫଗୁରେ ଫଗୁରେ ଫାଲଗୁନି' ଉନ୍ମୋଚିତ

ଦଶପଲ୍ଲା, ୦୪/୦୬ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ଜଗାପୁର ଗୋଡ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ସାହିତ୍ୟିକ କମ୍ପେନ୍ ବିଶ୍ୱାନାଥ ମହାପାତ୍ରଙ୍କ ନୂତନ ଉପନ୍ୟାସ 'ଫଗୁରେ ଫଗୁରେ ଫାଲଗୁନି' ଲୋକାର୍ପିତ ହୋଇଯାଇଛି । 'ରଙ୍ଗକୁଚାଳା ପ୍ରକାଶନୀ' ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସମାଜସେବୀ ପ୍ରଗମାଚ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ପ୍ରକାଶକ ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଏହି ସମାରୋହରେ ଶିକ୍ଷାବିତ୍ ଡ. ଶିଶିର କୁମାର ଦାସ, ବର୍ତ୍ତମାନ ଶିକ୍ଷକ ଅରେଶ ଚନ୍ଦ୍ର ବେହେରା, ଅଭିନେତା ବିକ୍ରମ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ । ପ୍ରଫେସର ଡ. ଆଶୁତୋଷ ମିଶ୍ର ସୁସଜ୍ଜକ ସମୀକ୍ଷା ଉପସ୍ଥାପନ କରିଥିଲେ । ଲେଖକ ଶ୍ରୀ ମହାପାତ୍ର ନିଜର ଏହି ନୂତନ କୃତିକୁ ପ୍ରଥମେ ନିଜର ଶିକ୍ଷାଗୁରୁ ଅଲେଖ ଚନ୍ଦ୍ର ବେହେରାଙ୍କୁ ଅର୍ପଣ କରିଥିଲେ । ଉତ୍ସବରେ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ ।

୨୩ ଟିକିଆ ହାତୀପଲଙ୍କ ଉପଦ୍ରବରେ ଘରବାଡ଼ି ସହ ବ୍ୟାପକ ଫସଲ କ୍ଷତି

ଜି.ଉଦୟଗିରି, ୦୪/୦୬ (ଆ.ପ୍ର) : ଜି.ଉଦୟଗିରି ବନାଂଚଳ ଅନ୍ତର୍ଗତ ବିଜିନ୍ନ ଗ୍ରାମରେ ଗତ ତିନି ଦିନ ଧରି ୨୧ ଟିକିଆ ହାତୀପଲଙ୍କ ଉପଦ୍ରବ ଯୋଗୁଁ ଗାଁ ଲୋକଙ୍କ ମଧ୍ୟରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ହାତୀପଲ ଧାନ ଫସଲ, ଫଳଗଛ, ଗୁଜାଳ ଘର ଓ ବାସସ୍ଥାନ ନଷ୍ଟ କରୁଥିବାରୁ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି । ସୂଚନା ଅନୁସାରେ ଉମା ବନାଂଚଳରୁ ୨୧ ଟିକିଆ ହାତୀ ପଲ ଜି.ଉଦୟଗିରି ବନାଂଚଳ ଅନ୍ତର୍ଗତ କୁମିଗିଆ ରେଞ୍ଜ୍‌ରୁ ଜଙ୍ଗଲ ବେଇ ଆସିଥିବା ବେଳେ ସେଥି ମଧ୍ୟରୁ ୩ଟି ବଡ଼ା ହାତୀ, ୧୦ଟି ମାଛ ହାତୀ ଓ ୮ଟି ଶାବକ ଥିବା ଜଣାପଡ଼ିଛି । ହାତୀପଲ ରାତି ସମୟରେ ଦୁଇରୁ ତିନି ଭାଗରେ ବିଭକ୍ତ ହୋଇ ଖାଦ୍ୟ ସଂଗ୍ରହ ପାଇଁ ବିଜିନ୍ନ ଗ୍ରାମକୁ ପ୍ରବେଶ କରୁଛନ୍ତି କିଛି ସଂଟା ପରେ ସେମାନେ ପୁଣି ଜି.ଉଦୟଗିରି, ୦୪/୦୬ (ଆ.ପ୍ର) : ଜି.ଉଦୟଗିରି ବନାଂଚଳ ଅନ୍ତର୍ଗତ ସୁଡେଲି, କୁମିଁଗିଆ, ବିଲେଇମାଡା ଅଂଚଳରେ ଥିବା ଆମ ଗଛ, ଝାଡୁ କଣ୍ଟିଗା ଓ ବାଉଁଶ ଗଛକୁ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ନଷ୍ଟ କରିଥିଲେ । ଜାଗିନାଳୁ ଗ୍ରାମରେ ମଧ୍ୟ ଆମ, ପଣସ, କଦଳୀ ଓ ମକା ଫସଲ ଖାଇ ନଷ୍ଟ କରି ଦେଇଥିବା ଜଣାପଡ଼ିଛି । ସେହିପରି କାମେରିଗୁଡ଼ା ଗ୍ରାମରେ ୩ଟି ଗୁଆଳ ଘର ଭାଙ୍ଗି ଦେଇଥିବା ବେଳେ ଆଜି କିରାକାରି ଅଂଚଳରେ ମଧ୍ୟ ହାତୀପଲ ଉପଦ୍ରବ ଚଳାଇଥିବା ସୂଚନା ମିଳିଛି । ହାତୀମାନଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କୁ ଜନବସତି ଅଂଚଳରୁ ଗଭଡ଼ାଇବା ପାଇଁ ସ୍ଥାନୀୟ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, ଫରେଷ୍ଟର ପ୍ରଶାନ୍ତ କୁମାର ସାହୁ,ଫରେଷ୍ଟର ଉଶ୍ମିତା ବଦ୍ଧି,ଫରେଷ୍ଟ ଗାର୍ଡ ମନୋଜ କୁମାର ମହାପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ଓ ପାରା ଷ୍ଟାଫ ନିୟୋଜିତ ହୋଇଛନ୍ତି । ଖାତର ପାଇ ଭାଇପ୍ରାପ୍ତ ଡି ଏଫଓ ଘନଶ୍ୟାମ ମହନ୍ତ କୁମିଁଗିଆ ଯାଇ ଗ୍ରାମବାସୀଙ୍କୁ ଭେଟିଥିବା ସୂଚନା ମିଳିଛି । ଗ୍ରାମବାସୀମାନେ ମଧ୍ୟ ବନ ବିଭାଗ ସହ ମିଳିତ ଭାବେ ହାତୀପଲଙ୍କୁ ଘରଡ଼ାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ୬ ଜଣଙ୍କ ଜୀବନ ହାନି ଘଟିଥିବା ଘଟଣା ମନେ ପକାଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ବନ ବିଭାଗ ତତ୍ପରତା ଅଧିକ ସଚେତନତା ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାକୁ ବିଜିନ୍ନ ମହଲରୁ ଦାବି ହୋଇଛି ।

ଏସଆଇଆର-୨୦୨୬ ସଚେତନତା ଅଭିଯାନ: ଗାଁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କଲେ ଉପଜିଲ୍ଲାପାଳ

ବାଲିଗୁଡ଼ା, ୦୪/୦୬ (ଆ.ପ୍ର) : ସମଗ୍ର ବାଲିଗୁଡ଼ା ଉପଖଣ୍ଡରେ ଚାଲିଥିବା ଏସଆଇଆର-୨୦୨୬ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବା ଲକ୍ଷ୍ୟରେ- ନିର୍ବାଚନ ଅଧିକାରୀ ତଥା ସ୍ଥାନୀୟ ଉପଜିଲ୍ଲାପାଳ ପ୍ରଣାତା ଦାସ, ଏଇଆରଓ ଓ ବିଏଲଓମାନଙ୍କ ସହ ଗୁରୁବାର ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଲୋଟଗର ବୁଥର ଉପାନ୍ତ ଅଂଚଳ ଦୁର୍ଗାପାଲୀ, ଲାସେରୀ, ରିଆବାଣି ଓ ସିରାଙ୍ଗ ଗ୍ରାମ ପରିଦର୍ଶନ କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଙ୍କ ସହ ଅଧିକାରୀ ମାନେ ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ ଆଲୋଚନା କରି ଭୋଟର ତାଲିକାର ସଠିକତା ରକ୍ଷାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ନୂତନ ଭୋଟରଙ୍କ ନାମ ସଂଯୋଜନ, ତଥ୍ୟ ସଂଶୋଧନ ଏବଂ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତି ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଲୋଡ଼ିଥିଲେ । ଉପଜିଲ୍ଲାପାଳ ଲୋକମାନଙ୍କୁ ଗଣତନ୍ତ୍ରରେ ମତଦାନର ଭୂମିକା ଓ ନିର୍ବାଚନୀ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାର ହେବାର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ । ଏସଆଇଆର-୨୦୨୬ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକକି ଜନସମ୍ପର୍କ ଓ ସଚେତନତା ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଉପଜିଲ୍ଲାପାଳ ପ୍ରଣାତା ଦାସ ସୂଚନା ଦେଇଛନ୍ତି ।

ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗ୍ରାମ ଭାବେ ନଦିଗାଁ ଘୋଷିତ

ଭଦ୍ରକ, ୦୪/୦୬ (ଆ.ପ୍ର) : ପ

ଜନସାଧାରଣ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୫ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଅତିରିକ୍ତ ତହସିଲଦାରଙ୍କୁ ଚାଷ ଜମି ପାଣି ନାଳ ପୁନରୁଦ୍ଧାର ପାଇଁ ଚାଷୀଙ୍କ ତରଫରୁ ଦାବିପତ୍ର ପ୍ରଦାନ

ଧାମନଗର, ୦୪/୦୬ (ଆ.ପ୍ର) : ଧାମନଗର ବ୍ଲକ ଭଗବାନପୁର ପଂଚାୟତ ର ସରକାରୀ ପାଣି ନାଳ ଦାର୍ଘ ବର୍ଷ ହେବ ପୁନରୁଦ୍ଧାର ନହେବା ଦ୍ୱାରା ପୋଡି ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ।ଯାହାକି ଚାଷ ଜମିକୁ ଜଳ ନିଷ୍କାସନ ଓ ଜଳ ସେଚନରେ ସମସ୍ୟା ଦେଖାଯାଉଛି । ଏନେଇ ଭଗବାନପୁର ପଂଚାୟତ ୭ ଓ ୮ ନଂ ୱାର୍ଡ ସହ ଅନ୍ୟାନ୍ୟ ୱାର୍ଡର ଚାଷୀ ସମୂହ ଏକତ୍ରିତ ହୋଇ ମଙ୍ଗଳବାର ଦିନ ଧାମନଗର ଅତିରିକ୍ତ ତହସିଲଦାର ସାହ ସିଲୋନାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଲିଖିତ ଅଭିଯୋଗ କରିଥିଲେ । ଅତିରିକ୍ତ ତହସିଲଦାର ସାହ ସିଲୋନା ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ କାର୍ଯ୍ୟ କରାଇବାକୁ ଉପସ୍ଥିତ ଚାଷୀ ମାନଙ୍କୁ କହିଥିଲେ । ଚାଷ ଜମିକୁ ଜଳ ସେଚନ ଜଳ ନିଷ୍କାସନ ନେଇ ରାଜ୍ୟ ସରକାର ଜଳ ସେଚନ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୃଷକଙ୍କ ପାଇଁ ବିଭିନ୍ନ ଜନୁତି ମୂଳକ କାର୍ଯ୍ୟ କରୁଛନ୍ତି । ଯାହାକି ବିଭିନ୍ନ ଜଳା ସେଚନ କେନାଲ ର ପୁନରୁଦ୍ଧାର, ଲାର୍ଜଣ୍ଟ ନାଳ, ଉଥା ଜଳ ସେଚନ ଆଦି ବିଭାଗ ଦ୍ୱାରା କାର୍ଯ୍ୟକାରିତା ହେଉଥିବା ବେଳେ ଗ୍ରାମ ପଂଚାୟତ ସ୍ତରରେ ଗଠନ ହୋଇଥିବା ପାଣି ପଂଚାୟତ ମାଧ୍ୟମରେ ମଧ୍ୟ ଚାଷ ଜମିକୁ ସଂଲଗ୍ନ ଥିବା ପାଣି ନାଳର ସଫା କରିବା ସହ ଅନ୍ୟାନ୍ୟ ଜନୁତି ମୂଳକ ପଦକ୍ଷେପ ନିଆଯାଉଛି । ହେଲେ ଏହିସବୁ ଦିଗରେ ବିଭାଗୀୟ ଅଧିକାରୀ ମାନେ ଉପଯୁକ୍ତ ପଦକ୍ଷେପ ନେଉ ନଥିବାରୁ ମୁଖ୍ୟ କେନାଲ ରୁ ସଂଯୋଗ ଥିବା ଚାଷ ଜମି ପାଣି ନାଳ ,ସୋଠ, କର୍ଜୱେଟ ଆଦି ନିର୍ମାଣ ରେ ବାଧିକ୍ରମ ହେବା ଦ୍ୱାରା ଏଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଅଭିଯୋଗ ମୁତାବକ ଉକ୍ତ ପଂଚାୟତର ଉଗରାନପୁର ନୋଡାଲ ବିଦ୍ୟାଳୟ ସହ ପଟେ ଥିବା ଏକ ପୋଖୋଡିକୁ ଲାଗି ଦାର୍ଘ ବର୍ଷ ହେବ ପ୍ରାୟ ୬ ଶହ ମିଟର ଲମ୍ବର ଏକ ସରକାରୀ ପାଣି ନାଳ ରହିଛି । ଯାହାକି ଭଗବାନପୁର ଅନନ୍ତପୁର ଗ୍ରାମ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତା ଠାରୁ ନିଶାଳ ଶ୍ମଶାନ ପର୍ଯ୍ୟନ୍ତ ରହିଛି । ଉକ୍ତ ନାଳ ମଧ୍ୟ ବେଶ ଶହ ଶହ ଏକର ଚାଷ ଜମିକୁ ଜଳ ସେଚନ ହୋଇଥାଏ । ଏହି ଲିଙ୍କ ବର୍ଷ ପୂର୍ବରୁ ସରକାରୀ ଭକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପାଣି ନାଳଟି ପୋଡି ହୋଇ ନଷ୍ଟ ହେବାକୁ ବସିଛାଣି । ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ସେହିପରି ଉକ୍ତ ପଂଚାୟତର ଜଳ ନିଷ୍କାସନ ଓ ଜଳ ସେଚନ ପାଇଁ ଅନେକାଂଶରେ କାର୍ଯ୍ୟ କରୁଥିବା ୨୧ ନଂ ଅନନ୍ତ କେଶରୀ ପାଣି ପଂଚାୟତ ଟି ଜିଛି ମାସ ହେବ ନିର୍ବାଚନ ପରେ ନୂତନ ରାଜେ ନବ ନିର୍ବାଚିତ କମିଟି ଗଠନ କରାଯାଇଛି । ଏହି ପାଣି ନାଳଟି ଉକ୍ତ ପାଣି ପଂଚାୟତ ମଧ୍ୟରେ ଥିବେ ମଧ୍ୟ ପାଣି ପଂଚାୟତର ନୂତନ କରି ନିର୍ବାଚିତ ହୋଇଥିବା ସଭାପତି ଓ ସଭାନେତ୍ରୀଙ୍କ ମଧ୍ୟରେ ସଠିକ ତାଳମେଳ ନଥୁନ୍ନଥିବାରୁ କେବଳ ଘାସ ସଫା କରିବା ଛଡ଼ା ଅନ୍ୟ କୌଣସି ସରକାରୀ ଅନୁଦାନ ରେ ଉନ୍ନତି ମୂଳକ କାର୍ଯ୍ୟ କରାଯାଉନି ବୋଲି ଅତିରିକ୍ତ ତହସିଲଦାରଙ୍କୁ ଚାଷୀ ମାନେ ଅଭିଯୋଗ କରିଥିଲେ । ଯାହାକି ଚାଷ ଜମିକୁ ସଂଯୋଗ କରିଥିବା ବିଭିନ୍ନ ପାଣି ନାଳ ପୂର୍ବାପ୍ସା ଭଳି ରହିଛି । ଏଣୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଯଥାଶୀଘ୍ର ପାଣି ନାଳର ପୁନରୁଦ୍ଧାର ନେଇ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ନେଇ ଜଳ ସେଚନ ସତିବ ଭୁବନେଶ୍ୱର ଓଡ଼ିଶା,କଟକ ଜିଲ୍ଲାପାଳ ଏବଂ ଜଳ ସେଚନ ବିଭାଗ ଆଖୁଆ ପଦା, ଭଣ୍ଡାରିପୋଖରୀ ଅଧିକାରୀମାନଙ୍କୁ ଅବଗତି କରାଯାଇଛି ବୋଲି ସୂଚନା ଦିଆଯାଇଛି । ଚାଷୀଙ୍କ ମଧ୍ୟରେ ଅଶୋକ ଯେନା, ବିମଳ କୁମାର ପାତ୍ର, ଶମ୍ଭୁନାଥ ସାହୁ, ଗୋପାଳ ପାତ୍ର, ଅନୁପ ଶଙ୍କୁଆ, ରବୀନ୍ଦ୍ର ବିଶ୍ୱାଳ, କାର୍ତ୍ତିକ ବିଶ୍ୱାଳ,ଅନିରୁଦ୍ଧ ବେହେରା, ଗୌରାଙ୍ଗ ଚରଣ ଜଳି ପ୍ରମୁଖ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ପାଷ୍ଟରେଟ ୟୁନିଅନ ପକ୍ଷରୁ ୨ ଦିନିଆ ଯୁବ ରାଲି ଉଦ୍‌ଯାପିତ

ଜି.ଉଦୟଗିରି, ୦୪/୦୬ (ଆ.ପ୍ର) : ସ୍ଥାନୀୟ ଉତର ଗାରତ ମଣ୍ଡଳୀ ଜାଥେଡ୍ରାଲ ପରିସରରେ ଜି.ଉଦୟଗିରି ପାଷ୍ଟରେଟ ୟୁନିଅନ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଯୁବ ରାଲି ଗୁରୁବାର ଉଦଯାପିତ ହୋଇଛି । ଏହି ଆତ୍ମିକ ସମାବେଶରେ ବିଭିନ୍ନ ଅଂଚଳରୁ ପ୍ରାୟ ୩୦୦ ଜଣ ଯୁବକ ଓ ଯୁବତୀ ଯୋଗଦେଇ ଈଶ୍ୱରଙ୍କ ବାକ୍ୟ ଶୁଣିଥିଲେ । କାର୍ଯ୍ୟକ୍ରମରେ ମହାତାର୍ଯ୍ୟା ଭାରତେଟ୍ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜି.ଉଦୟଗିରି ୟୁନିଅନର ସଭାପତି ଆଚାର୍ଯ୍ୟ ଆଲୋକ କୁମାର ପ୍ରଧାନ, ସମ୍ପାଦକ ପଦିତ୍ର କୁମାର ନାୟକ, କୋଷାଧ୍ୟକ୍ଷ କରନ ପ୍ରଧାନ ଓ ଅନ୍ୟାନ୍ୟ ମଣ୍ଡଳୀ ନେତୃତ୍ୱନ୍ଦ ଉପସ୍ଥିତ ଥିଲେ । ଏହି ବର୍ଷର ଯୁବ ରାଲିର ମୂଳ ପ୍ରସଙ୍ଗ ଥିଲା ତୁମର ହୃଦୟ ମୋହର ଆଜ୍ଞାସବୁ ପାଳନ କଲୁ । ଏହି ପ୍ରସଙ୍ଗକୁ ଆଧାର କରି ପୁରାରୁ ଆସିଥିବା ମୁଖ୍ୟ ବକ୍ତା ଆଚାର୍ଯ୍ୟ ସୁଧୀର ରଞ୍ଜନ ସାମନ୍ତରାୟ ବାଇବଲ ଭିତ୍ତିକ ବାକ୍ୟ ପ୍ରଦାନ କରିଥିଲେ । ଯୁବ ସମାଜ ପାଇଁ ଈଶ୍ୱରଙ୍କ ବାକ୍ୟର ଗୁରୁତ୍ୱ, ନୈତିକ ମୂଲ୍ୟବୋଧ ଏବଂ ଆତ୍ମିକ ଉନ୍ନତି ବିଷୟରେ ଆଲୋଚନା କରି ଉପସ୍ଥିତ ଯୁବକ ଯୁବତୀ ମାନଙ୍କୁ ପ୍ରେରଣା ଯୋଗାଇଥିଲେ । ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ରେ ବାଇବଲ ଅଧ୍ୟୟନ, ପ୍ରାର୍ଥନା, ସାକ୍ଷ୍ୟ ପ୍ରଦାନ, ବାକ୍ୟ ପ୍ରଚାର କରିବା, ସଙ୍ଗୀତ ପରିବେଷଣ ଓ ଆଧ୍ୟାତ୍ମିକ ଆଲୋଚନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯୁବମାନଙ୍କ ମଧ୍ୟରେ ଆତ୍ମିକ ସଚେତନତା ଓ ନେତୃତ୍ୱ ଗୁଣର ବିକାଶ ଲକ୍ଷ୍ୟରେ ଏହି ସମାବେଶ ଆୟୋଜନ କରାଯାଇଥିବା ଆୟୋଜକ ମାନେ କହିଛନ୍ତି । ଜି.ଉଦୟଗିରି ପାଷ୍ଟରେଟ ୟୁନିଅନର ଯୁବ ଆବାହକ ଆଲେଖର ପ୍ରଧାନ, ପାଷ୍ଟରେଟ ଯୁବ ଆବାହକ ପ୍ରତାପ କୁମାର ନାୟକ ଓ ତାୟୋଷିସ୍ ଯୁବ ଆବାହକ ପିପନ୍ ନାୟକ ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ । ଜି.ଉଦୟଗିରି, ରାଜକିଆ, ଟିକାବାଲି, ଗୁଞ୍ଜିକାଡ଼ି, ଗିସୁଗିଆ ଓ ମଣ୍ଡାଳିଆ ଅଂଚଳରୁ ନେଇ ଗଠିତ ଜି.ଉଦୟଗିରି ପାଷ୍ଟରେଟ ୟୁନିଅନ ଅଧୀନରୁ ଆସିଥିବା ଯୁବକ ଯୁବତୀ ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ଦୁଇ ଦିନର ଏହି ଆଧ୍ୟାତ୍ମିକ ମିଳନ ଉତ୍ସବ ଯୁବପିଢ଼ିଙ୍କ ମଧ୍ୟରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସ, ଶ୍ରଦ୍ଧାଭକ୍ତି ଓ ଆଧ୍ୟାତ୍ମିକ ଭାବନା ବୃଦ୍ଧିକୁ ସୁଦୃଢ଼ କରିଥିବା ମତ ପ୍ରକାଶ ପାଇଛି ।

କୋମନା ବ୍ଲକ୍ ପାଲସିପାନିରେ ୧.୬ ଏକର ଜମିର ଲ୍ୟାଣ୍ଡ କନଭର୍ସନ ପ୍ରସ୍ତାବ ସର୍ବସମ୍ମତିରେ ଅନୁମୋଦିତ

କୁଆପଡ଼ା, ୦୪/୦୬ (ଆ.ପ୍ର) : କୁଆପଡ଼ା ଜିଲ୍ଲାରେ ଜୁନ୍-୨୦୨୬ ମାସ ପାଇଁ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ କର୍ତ୍ତୃପକ୍ଷ ଦ୍ୱୈତକ ଆଜି ଜିଲ୍ଲାପାଳ ମଧୁସୂଦନ ବାଣ୍ଡକ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୋମନା ବ୍ଲକ୍ ଅନ୍ତର୍ଗତ ପାଲସିପାନିସ୍ଥିତ ମେସର୍ସ ଯୋଗଲକ୍ଷ୍ମୀ ଜିନିଂ ମିଲ୍ ପକ୍ଷରୁ ଦାଖଲ କରାଯାଇଥିବା ୧.୬ ଏକର ଜମିର ଜିମସ ପରିବର୍ତ୍ତନ (ଲ୍ୟାଣ୍ଡ କନଭର୍ସନ) ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କମିଟିର ସଦସ୍ୟମାନେ ପ୍ରସ୍ତାବଟିକୁ ସର୍ବସମ୍ମତିରେ ଅନୁମୋଦନ କରିଥିଲେ । ବୈଠକରେ ଉପଜିଲ୍ଲାପାଳ ସୁମି ସୋରେନ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସମୀର ମୁଦୁଲିଙ୍କ ସମେତ ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ଶିଳ୍ପ ସ୍ଥାପନ ଓ ନିବେଶକୁ ପ୍ରୋତ୍ସାହନ ଦେବା ସହିତ ଆବଶ୍ୟକ ଅନୁମୋଦନ ପ୍ରକ୍ରିୟାକୁ ଦ୍ରୁତ, ସରଳ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ କର୍ତ୍ତୃପକ୍ଷ ଦ୍ୱୈତକ ନିୟମିତ ଭାବେ ଆୟୋଜନ କରାଯାଉଛି ।

ନଦୀରେ ବୁଡି ଯୁବକ ମୃତ୍ୟୁ

ଜାଡ଼ଡ଼ିହି, ୦୪/୦୬ (ଆ.ପ୍ର) : ଜାଡଡିହି ତହସିଲ ଅନ୍ତର୍ଗତ ଗୁଣ୍ଡି ପୂର୍ବ ବୈତରଣୀ ନଦୀ ଘାଟରେ ଚାରି ଜଣ ସାଙ୍ଗ ହୋଇ ଗାଧୋଉ ଥିବା ବେଳେ ପାଣିରେ ବୁଡି ଜଣେ ମୃତ୍ୟୁ ବରଣ କରିଛନ୍ତି। ମୃତକଯୁବକ ଜଣକ ହେଉଛନ୍ତି ଆଳତିପୁର ପଂଚାୟତ ଅମୃତପୁର ଗ୍ରାମର ବିଚରଞ୍ଜନ ଜୁଡ଼ିଆଙ୍କ ପୁଅ ସିପୁନ ଜୁଡ଼ିଆ । ତାଙ୍କର ବୟସ ୧୭ ବର୍ଷ ବୋଲି ଜଣାପଡ଼ିଛି । ଗାଁ ଲୋକେ ଶାଳନିଆଁ ଚେଡ଼ିକାଳ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

ମା' ବଳି ବାସୁଳୀ ମନ୍ଦିର ପ୍ରତିଷ୍ଠା

ସିମୁଳିଆ, ୦୪/୦୬ (ଆ.ପ୍ର) : କଖଡ଼ପଦା ମା ବଳି ବାସୁଳୀ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରୁଷୋତମପୁର ପଂଚାୟତର କଖଡ଼ପଦା ଗ୍ରାମବାସୀଙ୍କ ଦ୍ୱାରା ଦ୍ୱାରା ଅନୁଷ୍ଠିତ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ପୂଜକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, ମନ୍ଦିର ପୂଜକ ଦାସ୍ତିକାନ୍ତ ପାଢ଼ି ସମେତ ୮ଜଣ ବ୍ରାହ୍ମଣ ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶେଷରୁର ଶିବ ମନ୍ଦିର ପୋଖରୀରୁ ୨୨ଜଣ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞ ସ୍ଥଳରେ ପହଂଚି ଯଜ୍ଞ କାର୍ଯ୍ୟ କରିଥିଲେ ଶ ଯଜ୍ଞରେ ଶୋଡ଼ଶ ପୂଜା, ଚଣ୍ଡୀ ପାଠ, କରିବା ସହ ପୂର୍ଣ୍ଣାହୁତି ହୋଇଥିଲା । କର୍ତ୍ତା ଭାବେ ମାୟାଧର ମହାନ୍ତି, ସାଧବାଣୀ ମହାନ୍ତି କାର୍ଯ୍ୟ ତୁଲାଇଥିଲେ । ବହୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

ଭତା ଧାରୀ ମାନଙ୍କର ବନ୍ଦ ଥିବା ତିନି ମାସର ଭତା ଯଥା ଶୀଘ୍ର ପ୍ରଦାନ ପାଇଁ ସିପିଆଇଏମ ପକ୍ଷରୁ ଦାବୀପତ୍ର ପ୍ରଦାନ

ନୀଳଗିରି, ୦୪/୦୬ (ଆ.ପ୍ର) : କେନ୍ଦ୍ର ଓ ରାଜ୍ୟରେ ଡବଲ ଲାଞ୍ଜିନ ସରକାର ଥିବା ସତ୍ତ୍ୱେ ତିନି ମାସ ହେବ ଭତା ଧାରୀ ମାନଙ୍କ ପାସ ବହିକୁ ଭତା ଟଙ୍କା ଆସୁନାହିଁ । ଫଳରେ ଗରିବ ବୃଦ୍ଧା ବୃଦ୍ଧା ମାନେ ବହୁ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି । ଯେଉଁ ମାନେ ଭତା ଉପରେ ନିର୍ଭର କରି ଚଳନ୍ତି, ସେମାନଙ୍କର ବୃଦ୍ଧି ଜଳୁ ନାହିଁ । ଏହାକୁ ଗୁରୁତ୍ୱର ସହ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟୀ (ମାର୍କସବାଦୀ) ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଯଥା ଶୀଘ୍ର ଭତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ପରେ ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ସଭାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଡବଲ ଲାଞ୍ଜିନ ସରକାର ଗରିବ ଲୋକଙ୍କ ବିରୋଧୀ ସରକାର ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏ ସରକାର ଯାହା କୁହେ ତାର ଉଲଟା ଜରେ ବୋଲି କହିଥିଲେ । ଏ ସରକାର ସମୟରେ ଦରଦାମ୍ ବୃଦ୍ଧି ସହିତ ବେକାରୀ ସମସ୍ୟା ବଢୁଛି ।ଗରିବ ଲୋକ ମାନେ ଜଣ ଯନ୍ତ୍ରା ରେ ପଡୁଛନ୍ତି । ଜନ୍ତ କାର୍ଯ୍ୟକ୍ରମ ରେ ଅମରେନ୍ଦ୍ର ନାୟକ, ପୁରୁଷୋତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଲମାକାନ୍ତ ଖଡଙ୍ଗୀ, କାଳିଆ ପାତ୍ର, ଲକ୍ଷ୍ୟାଧର ସାହୁ, ନାରାୟଣ ଧାମୁଡିଆ, ମୃତ୍ୟୁଞ୍ଜୟ ନାୟକ, ପ୍ରଦୀପ ମିଶ୍ର, ଶ୍ୟାମ ସିଂ, ଜିମ ସିଂଙ୍କ ସମେତ ବହୁ ଆଥା ଉପସ୍ଥିତ ଥିଲେ । ଯଦି ସାତ ଦିନ ଭିତରେ ଭତା ଧାରୀ ମାନଙ୍କ ଖାତାକୁ ଟଙ୍କା ନ ଆସେ, ତେବେ ଦନ ତରଫରୁ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦେଇ ଥିବା ଜଣା ଯାଇଛି ।

ଇସ୍ପାତ କାରଖାନାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ

ରାଉରକେଲା, ୦୪/୦୬ (ଆ.ପ୍ର) : ଇସ୍ପାତ ସହରରେ ଡେଙ୍ଗୁ ବ୍ୟାପିବାକୁ ରୋକିବା ପାଇଁ ସେଲ୍, ରାଉରକେଲା ଇସ୍ପାତ କାରଖାନା ର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଛି । ମଶା ବଂଶବୃଦ୍ଧିକୁ ରୋକିବା ପାଇଁ, ଇସ୍ପାତ ସହରର ବସ୍ତି ଅଂଚଳ ସମେତ ଜଳମଗ୍ନ ଅଂଚଳରେ ଆଂଟି-ଲାର୍ଭା ସ୍ପ୍ରେ କରାଯାଉଛି । ନଗର ଅଭିଯାନ୍ତ୍ରିକ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ଗରଜୁ ପର ବୁଲି ସର୍ଭେ କରିବା ଏବଂ ଡେଙ୍ଗୁ ନିୟାନ୍ତ୍ରଣ ପାଇଁ ସଚେତନତା ପ୍ରସାର କରିବାରେ ସାହାଯ୍ୟ କରିବା ପାଇଁ କାରଖାନାରୁ ମନୋନୀତ ୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିଛି । ସ୍ୱେଚ୍ଛାସେବୀମାନଙ୍କୁ ସଚେତନତା ବୃଦ୍ଧି କରିବା ଏବଂ ଡେଙ୍ଗୁ ସଂକ୍ରମଣ ପାଇଁ ଦାୟୀ ଜାଳକଗୁଡ଼ିକର ମୂଲ୍ୟାଙ୍କନ କରିବା ଏବଂ ବାହକ ନିୟନ୍ତ୍ରଣ ପାଇଁ ଅଂଚଳଗୁଡ଼ିକୁ ପ୍ରାଥମିକତା ଦେବା କାର୍ଯ୍ୟ ନ୍ୟସ୍ତ କରାଯାଇଛି । ଏହା ସହିତ, ଆବାସିକ କ୍ୱାର୍ଟର୍‌ରେ ସକ୍ରିୟ ଭାବରେ ଆଂଟି-ଆଡଲ୍ଟ ମଶା ସ୍ପ୍ରେ (ଘର ଭିତର ସ୍ପ୍ରେ) କରାଯାଉଛି । ଟିମ୍ ସେଚ୍ଛର-୧୩, ୧୪, ୧୫, ୧୬, ୧୮ ଏବଂ ୧୯ରେ ସର୍ଭେ ଶେଷ କରିଛି । ଏହି ଟିମ୍ ପ୍ରରାବିତ ଅଂଚଳରେ ସମ୍ଭାବ୍ୟ ମଶା ବଂଶବୃଦ୍ଧି ସୁଗଗୁଡ଼ିକୁ ଚିହ୍ନଟ କରି ସେ ଗୁଡ଼ିକୁ ନଷ୍ଟ କରୁଛି । ଆର ଏସ ପିର ଏସିଏମଓ (ସିଏଚ) ଡକ୍ଟର ଦୀପା ତି ଲାଲାଙ୍କରେକ ମାର୍ଗଦର୍ଶନରେ ଡିଭାଗର ଆସିଷ୍ଟାଂଟ ମ୍ୟାନେଜର ରଶ୍ମୀନନ୍ଦ ପ୍ରଧାନଙ୍କ ଦ୍ୱାରା ଗରଜୁ ପର ବୁଲି ସଚେତନତା ଅଭିଯାନର ନେତୃତ୍ୱ ନିଆଯାଇଛି ।

ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ
ବିଜେପି ସର୍ବଦା ଜନଜାତି ସମାଜର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ: ମନମୋହନ ସାମଲ

ଭୁବନେଶ୍ୱର, ୦୪/୦୬ (ଆ.ପ୍ର) : ଆଜି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ବିଜେପି ଅନୁସୂଚୀତ ଜନଜାତି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ସଂପର୍କରେ ସୂଚନା ଦେଇ ବିଜେପି ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାହ୍ନା ସୋରେନ କହିଛନ୍ତି ଯେ, ନିଜ ଐତିହ୍ୟ ଏବଂ ସଂସ୍କୃତି ପାଇଁ ଓଡ଼ିଶା ପ୍ରଦେଶର ଅନୁସୂଚିତ ଜନଜାତି ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିଛି । ଆଦିବାସୀମାନଙ୍କ ମୁଖ୍ୟ ବୃତ୍ତି ହେଉଛି ଚାଷ ଓ ଜଙ୍ଗଲ ଜାତ ଦ୍ରବ୍ୟ । ଆଦିବାସୀମାନଙ୍କର ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଲଘୁ ବନଜାତ ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବା ପାଇଁ ଏମଏସପି ବୃଦ୍ଧି କରିଛନ୍ତି । ଜନଜାତି କ୍ଷେତ୍ର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଯେଉଁ ଜନସାଧାରଣଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିଛନ୍ତି, ସେଥିପାଇଁ କାର୍ଯ୍ୟକାରିଣୀ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଗତକାଲି ଐତିହାସିକ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାର ମେଡିକାଲ ଓ ଇଂଜିନିୟରିଂ ଶିକ୍ଷା ଭଳି ବୈଜ୍ଞାନିକ ଓ କୃଷିଗତ ଶିକ୍ଷା କ୍ଷେତ୍ରରେ ବହୁ ପ୍ରତିକ୍ଷିତ ଜନଜାତିବର୍ଗ ପାଇଁ ସଂରକ୍ଷଣକୁ ୧୨ ପ୍ରତିଶତରୁ ୨୨.୫୦ ପ୍ରତିଶତକୁ ବୃଦ୍ଧି କରିଥିବାରୁ କାର୍ଯ୍ୟକାରିଣୀ ଆନ୍ତରିକ ଧନ୍ୟବାଦ ଜଣାଇଛି । 'ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିନିୟମ (ପେସା)-୧୯୯୬' ଅଧିନିୟମକୁ କାର୍ଯ୍ୟକାରୀ କରାଯିବାର ନିଷ୍ପତ୍ତିକୁ କାର୍ଯ୍ୟକାରିଣୀ ସ୍ୱାଗତ ଜଣାଇଛି । ଆଜତିଡିଏ ଅନ୍ତର୍ଗତ ରାଜ୍ୟର ୧୨୧ଟି ବୁକକୁ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ

ସିଂହାରମ୍ଭ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୫ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଭୁଟାନକୁ ହରାଇ ଫାଇନାଲରେ ଭାରତ, ଆସନ୍ତାକାଲି ବାଂଲାଦେଶ ସହ ଟ୍ରଫି ଟକ୍କର

ନୂଆଦିଲ୍ଲୀ, ୪/୬(ନ୍ୟୁ.ଏ): ଅଷ୍ଟମ ସାଫ୍ ମହିଳା ଚାମ୍ପିଅନସିପରେ ଭାରତ ଓ ବାଂଲାଦେଶ ମଧ୍ୟରେ ଫାଇନାଲ ଖେଳାଯିବ । ସେମି ଫାଇନାଲରେ ଭାରତ ୧-୦ ଗୋଲରେ ଭୁଟାନକୁ ହରାଇଛି । ବାଂଲାଦେଶ ନେପାଳକୁ ୨-୧ ଗୋଲରେ ପରାସ୍ତ କରିଛି । ଆସନ୍ତାକାଲି ଅର୍ଥାତ ୫ ତାରିଖରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ । ଭାରତ-ଭୁଟାନ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଡବ୍ଲୁ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଭାରତ ଗୋଲ ଖାତା ଖୋଲିଥିଲା । ୫୮ ମିନିଟରେ ସାନଫିଦା ନନସ୍ତମ ଏହି ଗୋଲଟି ଦେଇଥିଲେ । ଭୁଟାନ ଗୋଲ ପରିଶୋଧ କରିବା ନେଇ ସମସ୍ତ ବଳ ଲଗାଇ ଦେଇଥିଲେ । କିନ୍ତୁ ଶେଷ ପର୍ଯ୍ୟନ୍ତ ସଫଳ ହୋଇ ପାରିନଥିଲା । ଗ୍ରୁପରେ ଭାରତ ଅପରାଜେୟ ରହିଥିଲା । ୧୧-୦ରେ ମାଳଦ୍ୱୀପକୁ ଏବଂ ୩-୦ରେ ବାଂଲାଦେଶକୁ ପରାସ୍ତ କରିଥିଲା । ଗ୍ରୁପ ଷ୍ଟେଜରେ ବାଂଲାଦେଶକୁ ହରାଇଥିବା ଫାଇନାଲରେ ଭାରତର ପଲ୍ଲୁ ଭାଲି ମନେ ହେଉଛି । ୫ ଅଗର ସାଫ୍ ଚାମ୍ପିଅନ ଭାରତ ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଫାଇନାଲ ମୁକାବିଲା ଖେଳିବ । ଫିଫା ର୍ୟାଙ୍କିରେ ଭୁଟାନଠୁ ଭାରତ ୧୦୦ତମ ସ୍ଥାନ ଉପରେ ରହିଛି । ଭାରତ ୬୯ତମ ସ୍ଥାନରେ ରହିଛି । ଷଷ୍ଠ ଟାଇଟଲଠୁ ଦୂର ଗୋଟିଏ ବିଜୟ- ଭାରତୀୟ ଫୁଟବଲ୍ ଟିମ୍ ୬ ବର୍ଷର ଦୀର୍ଘ ଅପେକ୍ଷା ପରେ ସାଫ ମହିଳା ଚାମ୍ପିଅନସିପ ଫାଇନାଲରେ ପହଞ୍ଚିଛି । ଏହା ପୂର୍ବରୁ ଭାରତ ୨୦୧୯ରେ ନେପାଳକୁ ହରାଇ ଟାଇଟଲ ଜିତିଥିଲା । ଗତ ୨ ସିଜନରେ (୨୦୨୨ ଏବଂ ୨୦୨୪)ରେ ଭାରତୀୟ ଟିମ୍ ପାଇଁ ଭଲ ନଥିଲା । ସେମିଫାଇନାଲରୁ ଅଭିଯାନ ସରିଥିଲା । ସେପଟେ ଭାରତକୁ ଟକ୍କର ଦେବାକୁ ପ୍ରସ୍ତୁତ ବାଂଲାଦେଶ । ସେମିରେ ନେପାଳକୁ ହରାଇବାପରେ ଦଳର ମନୋବଳ ବୃଦ୍ଧି ରହିଛି । ୨୦୨୨ ଏବଂ ୨୦୨୪ରେ ବାଂଲାଦେଶ ଟ୍ରଫି ଜିତିଥିଲା ।

ଆଫଗାନ ସିରିଜରୁ ବାଦ ପଡ଼ିଲେ ବିରାଟ, କ୍ୟାପଟେନ ପଦରୁ ବିଦା ହେବେ ସୂର୍ଯ୍ୟ କୁମାର !

ନୂଆଦିଲ୍ଲୀ, ୪/୬(ନ୍ୟୁ.ଏ): ଆଗାମୀ ଜୁନ ୧୩ରୁ ଆରମ୍ଭ ହେବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ଟିକିଜିଆ ସିରିଜ ପୂର୍ବରୁ ଭାରତୀୟ ଟିମ୍‌ରେ ଲାଗିଛି ବଡ଼ ଝଟକା । ବଳନ ଷ୍ଟାର ଖେଳାଳି ବିରାଟ କୋହଲି ଆହତ ସମସ୍ୟା ଯୋଗୁ ପୁରା ସିଜନରୁ ବାଦ ପଡ଼ିଥିବା ରିପୋର୍ଟ ପ୍ରକାଶ ପାଇଛି । ଚଳିବାର ଶେଷ ହୋଇଥିବା ଆଇପିଏଲ ଫାଇନାଲରେ ବିରାଟ ମାଂସପେଶୀ ଜିନି ସମସ୍ୟାରେ ପଡ଼ିଥିଲେ । ଏଥିରୁ ମୁକୁଳିବାକୁ ତାଙ୍କୁ ୨ ସପ୍ତାହ ସମୟ ଲାଗିବ । ସେ ସମ୍ଭବତଃ ଜିନ ୨୦ରେ ଖେଳା ଯିବାକୁ ଥିବା ଶେଷ ଦିନିକିଆ ଦେଇକୁ ଫିଟ ହୋଇ ସାରିଥିବେ । ତଥାପି ବିସିସିଆଇ ବିରାଟଙ୍କୁ ଅଧିକ ବିଶ୍ରାମ ଦେବା ସମ୍ଭବରେ ରହିଛି । ଆରସିବି ପାଇଁ ଆଇପିଏଲ ଖେଳୁଥିବା ବିରାଟ ଗୁରୁତ୍ୱପୂର୍ଣ୍ଣ ଦିପକ୍ଷ ଫାଇନାଲରେ ବମ୍ବାର୍ଡାର ବ୍ୟାଟିଂ କରିଥିଲେ । ତାଙ୍କୁ ମ୍ୟାଚ ଅଫ ଦି ମ୍ୟାଚ୍ ମଧ୍ୟ ମିଳିଛି । କିନ୍ତୁ କ୍ୟାଟିଂ ସମୟରେ ସେ ମାଂସପେଶୀ ସମସ୍ୟାର ସାମ୍ନା କରିଥିଲେ । ଏଥିପାଇଁ କିଛି ସମୟ ପଡ଼ିଆରେ ତାଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା । ଏଥିପରେ ଚିକାଗୋ ସୁପର କିଙ୍ଗ ଦଳକୁ ଟ୍ରଫି ଜେତିଥିଲେ । ମ୍ୟାଚ୍ ପରେ ହୋଇଥିବା ଟେଷ୍ଟରେ ତାଙ୍କ ମାଂସପେଶୀରେ ସମସ୍ୟା ଥିବା ଜଣାପଡ଼ିଛି । ଏଥିରୁ ସମ୍ପୂର୍ଣ୍ଣ ଭାବେ ମୁକୁଳିବାକୁ ୨ ସପ୍ତାହ ଲାଗିବ । ଏଥିପାଇଁ ବିସିସିଆଇ ବିରାଟଙ୍କୁ ପୁରା ସିରିଜରେ ବିଶ୍ରାମ ଦେବାକୁ ଚାହୁଁଛି । କାରଣ କୁଲାଲ ମାମରେ ଭାରତ ୩ଟିକିଆ ଦିନିକିଆ ସିରିଜ ଖେଳିବାକୁ ଇଂଲଣ୍ଡ ଗସ୍ତ କରିବ । ସେତେବେଳକୁ ବିରାଟ ଫିଟ ହେବା ନିହାତି ଜରୁରୀ । ବିରାଟ ଆଫଗାନ ସିରିଜରୁ ବାଦ ପଡ଼ିବାକୁ ଯାଉଥିବାରୁ ତାଙ୍କ ସ୍ଥାନ କିଏ ନେବେ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି । ଦୌଡ଼ରେ ଦେବଦତ ପାଡ଼ିକ୍କଲ, ତିଳକ ବର୍ମା, ରଜୁରାଜ ଗାଏକ୍ୱାଡ, ସଞ୍ଜୁ ସାମସନ ଓ ରଜତ ପାଟିଦାର ରହିଛି । ବର୍ତମାନ ଏହି ଖେଳାଳିମାନେ ଭଲ ଲୟରେ ରହିଛନ୍ତି । ତେଣୁ ଏମାନଙ୍କ ମଧ୍ୟରୁ କେହି ସୁଯୋଗ ମିଳିପାରେ । ଶନିବାର ସମ୍ଭବତଃ ଭାରତୀୟ ଚୟନକର୍ତ୍ତା ଡ୍ରିଟେନ ଓ ଏସିଆନ ଗେମ୍ସ ପାଇଁ ଭାରତୀୟ ଟି-୨୦ ସ୍କ୍ୱାଡ ଘୋଷଣା କରିପାରନ୍ତି । ଏହି ସମୟରେ ଟି-୨୦ରେ ଦଳର ଅଧିନାୟକତ୍ୱ ଦେଖିବାକୁ ମିଳିବ । କାରଣ ଏସିଆନ ଗେମ୍ସ ସମ୍ଭବତଃ ଭାରତ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଖେଳିପାରେ । ସେହିପରି ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ପୂର୍ବତନି ସୂର୍ଯ୍ୟ କୁମାର ଯାଦବ ଠିଁ ରହିବେ । କିନ୍ତୁ ଗୋଟିଏ ରିପୋର୍ଟରେ ଦାବି କରାଯାଇଛି ଯେ ୨୦୨୬ରେ ଭାରତକୁ ଟି-୨୦ରେ ବିଶ୍ୱକପ ଦେଇଥିବା ସୂର୍ଯ୍ୟ କୁମାର ଯାଦବଙ୍କୁ କ୍ୟାପଟ୍ଟେନ୍ ରାଖିବାକୁ ଚିନ୍ତା କରୁଛି ଚୟନ କମିଟି ।ସୂର୍ଯ୍ୟ କୁମାର ଯାଦବ ବିଶ୍ୱକପ ପାଉ ନିଜ ଫର୍ମ ପାଇଁ ସଂଘର୍ଷ କରୁଛନ୍ତି । ତେଣୁ ତାଙ୍କ ଦଳକରେ ଆଇପିଏଲରେ ହୃମାଗତ ଭଲ ପ୍ରଦର୍ଶନ କରି ଆସୁଥିବା ଶ୍ରେୟସ ଆୟରଙ୍କୁ ଟିମ ଇଣ୍ଡିଆର ଟି-୨୦ କ୍ୟାପଟ୍ଟେନ କରାଯାଇ ପାରେ । ଏହାବାଦ ଆଫଗାନିସ୍ତାନ ବିପକ୍ଷ ସିରିଜରେ ଗୌତମ ଶର୍ମା ଜଯଙ୍କ ରହିବେ କି ନାହିଁ, ତା'ଉପରେ ମଧ୍ୟ ଚୟନକର୍ତ୍ତା ନିଷ୍ପତ୍ତି ନେଇ ପାରନ୍ତି ।

କଂଗ୍ରେସ ପାଇଁ ଇଣ୍ଡିଆ ବ୍ଲକ ବୈଠକରେ ସାମିଲ ହେବନି ଡିଏମକେ

ନୂଆଦିଲ୍ଲୀ, ୪/୬(ନ୍ୟୁ.ଏ): ବିରୋଧୀଙ୍କ ଇଣ୍ଡିଆ ବ୍ଲକରୁ ଏମକେ ଖାଲିନେଇ ଡିଏମକେ ଦୂରତା ବଜାୟା ରଖିବାକୁ ନିଷ୍ପତି ନେଇଛି । ଆସନ୍ତା ୮ ତାରିଖରେ ଇଣ୍ଡିଆ ବ୍ଲକ ପକ୍ଷରୁ ଦିଲ୍ଲୀରେ ବୈଠକ ବସିବ । କିନ୍ତୁ ଏହି ବୈଠକରେ ଡିଏମକେ ସାମିଲ ହେବ ନାହିଁ ବୋଲି ଘୋଷଣା କରିଛି । କଂଗ୍ରେସ ପାଇଁ ଡିଏମକେ ଏପରି ନିଷ୍ପତି ନେଇଛି । ତାମିଲନାଡୁ ବିଧାନସଭା ନିର୍ବାଚନରେ କଂଗ୍ରେସ ଓ ଡିଏମକେ ଏକାଠି ଲଢ଼ିଥିଲେ । କିନ୍ତୁ ନିର୍ବାଚନ ପରେ ରାଜ୍ୟର ଏକକ ସର୍ବବୃହତ ରାଜନୀତିକ ଦଳ ବିଜୟକୁ ଚିହ୍ନିକେ ସହ କଂଗ୍ରେସ ହାତ ମିଳାଇ ସରକାରରେ ସାମିଲ ହୋଇଛି । ଏହି ଘଟଣା ପରେ କଂଗ୍ରେସ ଓ ଡିଏମକେ ମଧ୍ୟରେ ଥିବା ୨୨ ବର୍ଷର ସମ୍ପର୍କରେ ମୋଟ ଦେଖାଯାଇଛି । ଏହେ ଏଥର ପ୍ରଚାର ଇଣ୍ଡିଆ ବ୍ଲକ ବୈଠକ ଉପରେ ମଧ୍ୟ ପଡ଼ିବ୍ଛି । ଡିଏମକେ ପକ୍ଷରୁ କୁମାରୀ ବିଧାନସଭା ସ୍ପିକର ଏ ଏନ ଶମ୍ସେରୀ ଜୋରଦାର ଭାବରେ ମଧ୍ୟ ଦେଖାଯାଇଛି ଯେ "ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଧୋକା ଦେଇଥିବା ଏବେ ବି ଡିଏମକେ କ୍ୟାଡରମାନେ ଅନୁଭବ କରୁଛନ୍ତି । ସେମାନେ କଂଗ୍ରେସର ଆଭିମୁଖ୍ୟରେ ଆଘାତ ପାଇଛନ୍ତି । ସେମାନଙ୍କ ଭାବନାକୁ ସମ୍ମାନ ଜଣାଇ ଡିଏମକେ ଜୁନ ୮ରେ ଦିଲ୍ଲୀରେ ହେବାକୁ ଥିବା ଇଣ୍ଡିଆ ବ୍ଲକ ବୈଠକରେ ଅଂଶ ନେବନି । ଏହି ବୈଠକରେ ଡିଏମକେ ସାମିଲ ନ ହେବାକୁ ନିଷ୍ପତି ନେଇଛି । ଯଦିଚ ଡିଏମକେ ଏହି ବୈଠକରେ ସାମିଲ ହେବ ନାହିଁ, କିନ୍ତୁ ଦଳ ସବୁବେଳେ ଦେଶର କଲ୍ୟାଣ ପାଇଁ ଅନ୍ୟ ଦଳଗୁଡ଼ିକ ଉଠାଉଥିବା ପ୍ରସଙ୍ଗ ସମ୍ପର୍କରେ ସ୍ୱର ଉତ୍ତୋଳନ କରିବ ।" କଂଗ୍ରେସ ଓ ଡିଏମକେ ମଧ୍ୟରେ ସୃଷ୍ଟି ହୋଇଥିବା ମୋଟ ସଂଘର୍ଷରେ ମଧ୍ୟ ଦେଖିବାକୁ ମିଳିଛି । ଡିଏମକେ ସାଂସଦ କନିମୋଝି ଲୋକସଭା ଚାରୁଷଠି ଓମ ବିର୍ଲାଙ୍କୁ ଚିଠି ଦେଇ ସଂସଦଙ୍କ ଦବିବା ପାଇଁ ଅନ୍ୟତ୍ର ବ୍ୟବସ୍ଥା କରିବାକୁ କହିଛନ୍ତି । ଅନ୍ୟପକ୍ଷରେ ଜୁନ ୮ରେ ହେବାକୁ ଥିବା ବୈଠକରେ ଲକ୍ଷ୍ମୀ ଝୁଲରେ ଚରିତ୍ର ସଦସ୍ୟମାନେ ସାମିଲ ହେବେ । ସମ୍ବିଧାନ ଝୁଲରେ ହେବାକୁ ଥିବା ଏହି ବୈଠକରେ ପ୍ରାୟ ୧୫ଟି ଦଳର ସଦସ୍ୟ ଯୋଗଦେଇ ଆଗାମୀ ଜଣନୀତି ପ୍ରସ୍ତୁତ କରିବେ ବୋଲି ଜଣାପଡ଼ିଛି ।

ମୁକେଶ ହରାଇଲେ ଏସିଆର ଦ୍ୱିତୀୟ ବଡ଼ ଧନୀ ମୁକୁଟ

ନୂଆଦିଲ୍ଲୀ, ୪/୬(ନ୍ୟୁ.ଏ): ଧନୀ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୁଖ୍ୟ ମୁକେଶ ଅମ୍ବାନୀଙ୍କ ରହିଥିବା ବଢ଼ଦବା ଧୀରେ ଧୀରେ ଦୂର ହେବାରେ ଲାଗିଛି । ତାଙ୍କଠାରୁ ଏସିଆର ଦ୍ୱିତୀୟ ଧନୀ ମୁକୁଟକୁ ବୀନନ୍ତ ଜଣେ ଶିଳ୍ପପତି ଛଡ଼ାଇ ନେଇଛନ୍ତି । ସେ ହେଉଛନ୍ତି ଲୋକପ୍ରିୟ କ୍ଷୁଦ୍ର ଜିନିଷ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌ର ସହ ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ୍ । ବ୍ଲୁମ୍‌ବର୍ଗ ବିଲିୟେନେୟର ସୂଚୀ ଅନୁସାରେ ୯୩ ବିଲିୟନ ଡଲାର (୮.୯ ଲକ୍ଷ କୋଟି ଟଙ୍କା)ର ସମ୍ପତି ସହ ସେ ଏସିଆର ଦ୍ୱିତୀୟ ବଡ଼ ଧନୀ ଭାବେ ଉଭା ହୋଇଛନ୍ତି । ମୁକେଶଙ୍କ ସମ୍ପତି ତାଙ୍କଠାରୁ ସାମାନ୍ୟ କମ୍ ୮୬ ବିଲିୟନ ଡଲାର (୮.୩୧ ଲକ୍ଷ କୋଟି ଟଙ୍କା) ରହିଯାଇଛି । ଏସିଆର ସବୁଠୁ ବଡ଼ ଧନୀ ମୁକୁଟ ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀଙ୍କ ମୁଣ୍ଡରେ ରହିଛି । ଏଥିର ଚାରିବର୍ଷ ରୋବାଗଡ ସଫଳତା ପରେ ଝାଙ୍ଗଙ୍କ ସମ୍ପତିରେ ବଡ଼ ଧରଣର ବୃଦ୍ଧି ହୋଇଥିଲା । ଚାରିବିଟି ଓ ଗୁଗଲ୍ କେମିନି ଭଳି ତାଙ୍କ ଦେଶଙ୍କ ଏକ ଶକ୍ତିଶାଳୀ ଏଆଇ ଚାଟ୍‌ବଟ୍ । ତାଙ୍କ ସମ୍ପତି ଗତ ୭ ବର୍ଷରେ ପ୍ରାୟ ୭ ଗୁଣା ବଢ଼ିଛି । ସେ 'ଚାଇନ୍‌ଡ୍ୟାନ୍' ନାମକ କମ୍ପାନି ଗଢ଼ିଥିଲେ ଯାହା ଟିକ୍‌ଟକ୍ ଆଣିଥିଲେ । କମ୍ପାନିର ଆମେରିକାସ୍ଥ ବ୍ୟବସାୟ ବିକ୍ରି ହେବା ପରେ ତାଙ୍କ ସମ୍ପତିରେ ବୃଦ୍ଧି ହୋଇଥିଲା । ବ୍ଲୁମ୍‌ବର୍ଗ ବିଲିୟେନେୟର ସୂଚୀ ଅନୁସାରେ ୧୧୫ ବିଲିୟନ ଡଲାର ସମ୍ପତି ସହ ଆଦାନୀ ଏଣ୍ଟରପ୍ରାଇଜ ନମ୍ବର ଧନୀ ହୋଇ ରହିଛନ୍ତି । ତାଙ୍କ ପଛକୁ ଝାଙ୍ଗ ୟିମିଙ୍ଗ୍, ମୁକେଶ ଅମ୍ବାନୀ, ୟୁନିଲ୍ଭର ଡାଉଣ୍ଡା ସାନାଲ ଓ ସପ୍ତ ବ୍ୟାଙ୍କର ମାସାୟୋଶୀ ସୋନ୍ ରହିଛନ୍ତି । ସମଗ୍ର ବିଶ୍ୱରେ ୭୨ ବିଲିୟନ ଡଲାର (୬୯ ଲକ୍ଷ କୋଟି ଟଙ୍କା) ସହ ଟେସ୍‌ଲାର ମୁଖ୍ୟ ଏଲନ୍ ମସ୍କ ବିଶ୍ୱର ଏକ ନମ୍ବର ଧନୀ ହୋଇରହିଛନ୍ତି ।

୨୦୨୬-୨୭ ଋତୁ ଫୁଟ୍‌ବଲ୍ କ୍ୟାଲେଣ୍ଡର ଘୋଷିତ

ନୂଆଦିଲ୍ଲୀ, ୪/୬(ନ୍ୟୁ.ଏ): ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ୨୦୨୬-୨୭ ଋତୁ ଲାଗି ଅସ୍ଥାୟୀ ଫୁଟ୍‌ବଲ୍ କ୍ରୀଡ଼ା କ୍ୟାଲେଣ୍ଡର ଘୋଷଣା କରିଛି । ତଦନୁଯାୟୀ ଦେଶର ଶୀର୍ଷସ୍ତରୀୟ ପେସାଦାର ଫୁଟବଲ୍ ଲିଗ୍ 'ଆଇଏଫ୍‌ଏଲ୍' (ଇଣ୍ଡିଆନ୍ ସୁପର ଲିଗ୍) ଆସନ୍ତା ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୨୦୨୭ ଏପ୍ରିଲ୍ ୧୧ ପର୍ଯ୍ୟନ୍ତ ଚାଲିବ । ପ୍ରତିଯୋଜନାଗତ ସମସ୍ୟା କାରଣରୁ ଚଳିତ ବର୍ଷ ଛୋଟ ଅବଧିରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତା ପୁଣିଥରେ ୭ମାସିଆ ଫର୍ମାଟକୁ ଫେରିବ । ସେହିଭଳି ଘରୋଇ ଫୁଟ୍‌ବଲ୍ ଋତୁର ଆଉ ଏକ ସମ୍ମାନଜନକ ପ୍ରତିଯୋଗିତା ଫେଡେରେସନ୍ କପ୍ ଏପ୍ରିଲ୍ ୨୦, ୨୦୨୭ରୁ ମେ' ୧୦ ୨୦୨୭ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବାବେଳେ ଦ୍ୱିତୀୟ ସ୍ତରୀୟ ଲିଗ୍ ଆଇଏଫ୍‌ଏଲ୍ (ଇଣ୍ଡିଆନ୍ ଫୁଟବଲ୍ ଲିଗ୍) ଚଳିତବର୍ଷ ଅକ୍ଟୋବର ୯ରୁ ଆରମ୍ଭ ହୋଇ ୨୦୨୭ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ଖେଳାଯିବ । ମହିଳା ଫୁଟ୍‌ବଲ୍‌କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ହୋଇ ଆସୁଥିବା ଆଇଡବ୍ଲ୍ୟୁଏଲ୍ (ଇଣ୍ଡିଆନ୍ ୱିମେନ୍ସ ଲିଗ୍)ଚଳିତ ବର୍ଷ ସେପ୍ଟେମ୍ବର ୩ରୁ ସୁପର ଲାଏଂଟସ୍ ଉପଦେଳେ ହୋଇଥିଲା । ଏହି ପ୍ରତିଯୋଗିତାଗୁଡ଼ିକ ଦ୍ୱାରା ଆଗାମୀ ଋତୁରେ ବିଭିନ୍ନ ବର୍ଗର ବର୍ଗ ପ୍ରତିଯୋଗିତା, ଯୁବ ଲିଗ୍, ଫୁଟ୍‌ସାଲ୍ ଓ ବିଚ୍ ସକର ଆଦି ମଧ୍ୟ ଖେଳାଯିବ । ଯାହାର ଆନୁଷ୍ଠାନିକ ସୂଚୀ ପରେ ଘୋଷଣା କରାଯିବ । ତେବେ ଏଆଇଏଫ୍‌ଏଫ୍ କାର୍ଯ୍ୟନିର୍ବାହୀ କମିଟିର ଅନୁମୋଦନ ପରେ ଯାଇ ଏହି କ୍ୟାଲେଣ୍ଡର ବୃହତ୍ତର ରୂପ ନେବ ।

୫୦୦ ଫ୍ଲେକ୍ସ-ଫୁଏଲ୍ ପମ୍ପ ଖୋଲିବ

ନୂଆଦିଲ୍ଲୀ, ୪/୬(ନ୍ୟୁ.ଏ): ଗାଡ଼ି ନିର୍ମାତାମାନେ ଫ୍ଲେକ୍ସ ଫୁଏଲ୍ ବା ଇଥାନଲ୍ ମିଶା ତେଲରେ ଚାଲୁଥିବା ଗାଡ଼ି ଉତ୍ପାଦନ କରିବା ପରେ କେନ୍ଦ୍ର ସରକାର ଉତ୍ସାହିତ ହୋଇପଡ଼ିଛନ୍ତି । ଏଭଳି ଗାଡ଼ି ଲାଗି ଦରକାର ହେଉଥିବା ତେଲ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ଫ୍ଲେକ୍ସ ଫୁଏଲ୍ ପମ୍ପ ଖୋଲାଯିବ । ଚଳିତ ବର୍ଷ ଶେଷ ସୁଦ୍ଧା ଏଭଳି ୫୦୦ ଓ ୨୦୨୭ ସୁଦ୍ଧା ୫୦୦୦ ପମ୍ପ ସ୍ଥାପନ କରିବା ଯୋଜନା ରହିଛି ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି । ଶ୍ରୀ ପୁରୀଙ୍କ କହିବାନୁସାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଭିନ୍ନ ପ୍ରଦେଶ ମେଟ୍ରୋ ସହରରେ ୫୦-୧୦୦ ପର୍ଯ୍ୟନ୍ତ ପମ୍ପ ଖୋଲାଯିବ । ଆସନ୍ତା ୧୮ ମାସ ଭିତରେ ସେଗୁଡ଼ି ପମ୍ପ ସଂଖ୍ୟାକୁ ଦୁଇ ଗୁଡ଼ିରେ ବଢ଼ାଯିବ । ବହୁ ଆଗରୁ ଏଭଳି ପମ୍ପ ଖୋଲିବା ଯୋଜନା ଥିଲା । କିନ୍ତୁ ଗାଡ଼ି ନଥିବାରୁ ତେଲ ବିକ୍ରି କରିବାର କିଛି ଅର୍ଥ ନଥିଲା । ଏବେ ଗାଡ଼ି ଆସିସାରିଲାଣି । ତେଣୁ ତେଲ ବିକ୍ରିକୁ ବ୍ୟାପକ କରାଯିବ । ପ୍ରଥମେ ଦିଲ୍ଲୀ-ଏନ୍‌ସିଆର, ମୁମ୍ବାଇ, ପୁଣେ, ନାଗପୁରରେ ଫ୍ଲେକ୍ସ ଫୁଏଲ୍ ପମ୍ପ ଖୋଲାଯିବ । ମଧ୍ୟପ୍ରଦେଶ ଯୁକ୍ତ ମଧ୍ୟରେ ଅଶୋଧିତ ତେଲ ଆମଦାନି ଭଲୟ କଷ୍ଟକର ଓ ମହଙ୍ଗା ହୋଇଥିବା ଭଳି ଏକ ଗମ୍ଭୀର ସମୟରେ କେନ୍ଦ୍ର ସରକାର ଫ୍ଲେକ୍ସ ଫୁଏଲ୍ ଭଳି ଏକ ବିକଳ୍ପ ଇନ୍ଧନର ବ୍ୟାପକ ପ୍ରଚାର କରିବାକୁ ଯାଉଛନ୍ତି । ଫ୍ଲେକ୍ସ ଫୁଏଲ୍ ଗାଡ଼ିବୁଡ଼ିକେ ୮୫ ପ୍ରତିଶତରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ ମିଶିଥିବା ତେଲରେ ଚାଲିପାରିବ । ବେଶର ଦୁଇ ବଡ଼ ଗାଡ଼ି ନିର୍ମାତା ହିଣ୍ଡୋ ମୋଟୋକର୍ପ ଓ ମାରୁତି ସୁଜୁକି ନିଜର ଫ୍ଲେକ୍ସ ଫୁଏଲ୍ ମଡେଲ୍ ଉତ୍ପାଦନ କରିଛନ୍ତି ।

ମମତାଙ୍କ ଟିଏମସିରେ ଆଉ ଗୋଟିଏ ଝଡ଼, ବିଜେପି ଲିଙ୍କରେ ୨୦ ସାଂସଦ !

ନୂଆଦିଲ୍ଲୀ, ୪/୬(ନ୍ୟୁ.ଏ): ପଶ୍ଚିମବଙ୍ଗ ବିଧାନସଭାରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ କରିଥିବା ମମତା ବାନାର୍ଜୀଙ୍କ ଟିଏମସି ସଂସଦରେ ସମାନ ସ୍ଥିତିରେ ସମ୍ମୁଖୀନ ହୋଇପାରେ । ମମତା ଓ ତାଙ୍କ ପୁତୁରାଙ୍କ ନିଷ୍ପତି ବିରୋଧରେ ଦଳର ୬୦ ବିଧାୟକ ବିଧାନସଭାରେ ଏକାଠି ହୋଇଛନ୍ତି । ସେମାନେ ଭାଇକମାଣ୍ଡଙ୍କ ବିରୋଧରେ ଯାଇ ବଳିଷ୍ଠତ ଟିଏମସି ବିଧାୟକ ରାଜତ୍ତର ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଜଣିଛନ୍ତି । ଏଥାକୁ ନେଇ ବିଧାନସଭାରେ ଟିଏମସି ଦୁଇ ଫାଳ ହୋଇ ଯାଇଛି । ବିଧାୟକଙ୍କ ପରେ ଏବେ ଦଳର ସାଂସଦମାନେ ମଧ୍ୟ ମମତାଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିବାର ଆଶଙ୍କା ରହିଛି । ଟିଏମସିର ୨୦ ଜଣ ସାଂସଦ ଏବେ ବିଜେପି ଲିଙ୍କରେ ରହିଛନ୍ତି । ସେମାନେ ସମ୍ଭବତଃ ଶୁଭେଶାଗ୍ରୁ ବଜବଜବ ମଧ୍ୟ କରିପାରନ୍ତି । ବର୍ତମାନ ଏହି ପ୍ରସଙ୍ଗରେ ସର୍ବୋଚ୍ଚ ସ୍ତରରେ ଆଲୋଚନା ଚାଲିଛି । ୨୦ ଜଣ ଟିଏମସି ସାଂସଦ ମଧ୍ୟ ଦଳ ଦଳ କରିବାକୁ ବେଶ ଇଚ୍ଛୁକ ରହିଛନ୍ତି । ଏମାନଙ୍କ ମଧ୍ୟରେ ଭଲୟ ଲୋକସଭା ଓ ରାଜ୍ୟସଭା ସାଂସଦ ରହିଛନ୍ତି । ସଂସଦର ଉଭୟ ସଦନରେ ଟିଏମସିର ମୋଟ ୪୧ ଜଣ ସାଂସଦ ରହିଛନ୍ତି । ଲୋକସଭାରେ ଦଳର ୨୮ ଜଣ ଓ ରାଜ୍ୟସଭାରେ ଟିଏମସି ସାଂସଦଙ୍କ ସଂଖ୍ୟା ୧୩ ରହିଛି । ଯଦି ଏମାନଙ୍କ ମଧ୍ୟରୁ ୨୦ ଜଣ ବିଜେପିରେ ସାମିଲ ହୁଅନ୍ତି, ତା'ହେବେ ବିଧାନସଭା ନିର୍ବାଚନ ପରାଜୟ ପରେ ଦଳକୁ ଏକାଠି ରଖିବାକୁ ଉଦ୍ୟମ କରୁଥିବା ମମତାଙ୍କ ପାଇଁ ଏହା ସବୁଠାରୁ ବଡ଼ ଝଟକା ସଦୃଶ ହେବ । ସଂସଦୀୟ ଗ୍ରୁପରେ ଯଦି ଟିଏମସି ବିଭାଜନର ସମ୍ମୁଖୀ କରିବ, ତା'ହେଲେ ବିରୋଧୀ ମହଲରେ ମମତାଙ୍କ ଦବଦବା ହ୍ରାସ ପାଇବ । କାରଣ ସଂସଦରେ ଏବେ ଟିଏମସି ଦ୍ୱିତୀୟ ସର୍ବୋଚ୍ଚ ବିରୋଧୀ ଦଳ । ଏପରି ସ୍ଥିତିରେ ଦଳର ୨୦ ସାଂସଦ ଯଦି ବିଜେପିରେ ମିଶିଯାଆନ୍ତି, ତେବେ ସବୁ କିଛି ଓଲଟପାଲଟ ହୋଇଯିବ । ବେଙ୍ଗଲରେ ଟିଏମସି ବିଧାୟକ ଦଳ ବିଭାଜନ ହୋଇ ସାରିଛି । ବିଧାୟକ ରା